## ଚୁକ୍ତିଭିତ୍ତିକ ପୁଲିସଙ୍କ ହାତରେ ପିସିଆର୍ ଭ୍ୟାନ୍

# ଏସ୍‌ପିଓଙ୍କୁ ନେଇ ବିବାଦ

**କଟକ, ୩୦।୬(ସମିସ):** ଚୁକ୍ତିଭିତ୍ତିକ (ଠିକା) ପୁଲିସ କର୍ମଚାରୀଙ୍କ ହାତରେ ପିସିଆର୍ ଭ୍ୟାନ୍ ଦାୟିତ୍ୱ। ଜଣେ ଏସ୍‌ପିଓ (ସ୍ପେସାଲ୍ ପୁଲିସ ଅଫିସର)ଙ୍କ ତତ୍ତ୍ୱାବଧାନରେ ପିସିଆର୍ ଭ୍ୟାନ୍ ପାଟ୍ରୋଲିଂ କରୁଛି। ପାଟ୍ରୋଲିଂ ଗାଡ଼ି ତଥା ପିସିଆର୍‌ରେ ଅବସରପ୍ରାପ୍ତ ପୁଲିସ ଓ ଠିକା ପୁଲିସ କର୍ମଚାରୀ ରହୁଥିବା ହେତୁ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଛି। ନିୟମ ଅନୁସାରେ, ଗୋଟିଏ ପିସିଆର୍ ଭ୍ୟାନ୍‌ରେ ଠିକା କର୍ମଚାରୀଙ୍କ ସହ ହାବିଲ୍‌ଦାର, କନେଷ୍ଟବଳ ଓ ଜଣେ ଥାନାର ଅଫିସର ରହିବା ଆବଶ୍ୟକ। ହେଲେ ନାଇଟ୍ ପାଟ୍ରୋଲିଂ ପିସିଆର୍ ଭ୍ୟାନ୍‌ରେ ଠିକା ପୁଲିସ କର୍ମଚାରୀ ବୁଲି ଡ୍ୟୁଟି କରୁଛନ୍ତି। ଥାନାର ସ୍ଥାୟୀ ପୁଲିସ କନେଷ୍ଟବଳ, ହାବିଲଦାର୍ ଓ ଅଫିସର ପିସିଆର୍‌ରେ ରହୁନାହାନ୍ତି। ଯେହେତୁ ରାତି ସମୟରେ ପାଟ୍ରୋଲିଂ କଡ଼ାକଡ଼ି ହେବା ଜରୁରୀ, ସେହି ସମୟରେ ଠିକାରେ ରହିଥିବା ଏସ୍‌ପିଓ ଓ ଅବସରପ୍ରାପ୍ତ ପୁଲିସ କର୍ମଚାରୀଙ୍କୁ ନେଇ ସାରା ସହରର ପାଟ୍ରୋଲିଂ କାର୍ଯ୍ୟ ହେଉଛି। ଏହି ଅବ୍ୟବସ୍ଥା ସମ୍ପର୍କରେ ଜଣେ ବରିଷ୍ଠ ପୁଲିସ ଅଫିସରଙ୍କୁ ପଚାରିବାରୁ, ସେ କହିଛନ୍ତି, ସରକାରଙ୍କ ନିୟମ ଅନୁସାରେ, ଠିକାରେ ୩୫ ଜଣ ଏସ୍‌ପିଓ(ଅବସରପ୍ରାପ୍ତ ସେନା କର୍ମଚାରୀ)



ରହୁନାହାନ୍ତି ହାବିଲ୍‌ଦାର୍: ସାରାରାତି ପାଟ୍ରୋଲିଂ ଢିଲା

ଏବଂ ୩୦ରୁ ଅଧିକ ଅବସରପ୍ରାପ୍ତ ପୁଲିସ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ସେମାନଙ୍କୁ ବିଭିନ୍ନ ସମୟରେ ଡ୍ୟୁଟି ବଣ୍ଟା ଯାଇଥାଏ। ପାଟ୍ରୋଲିଂ ଡ୍ୟୁଟିରେ ମଧ୍ୟ ସେମାନଙ୍କୁ ନିଯୁକ୍ତ କରାଯାଉଛି। ସେମାନଙ୍କ ସହିତ ସ୍ଥାୟୀ ଥାନା କର୍ମଚାରୀ ମଧ୍ୟ ପିସିଆର୍‌ରେ ରହୁଛନ୍ତି। ବାସ୍ତବରେ କିନ୍ତୁ ପିସିଆର୍ ସ୍ଥିତି ଭିନ୍ନ ରହିଛି। ୩ଜଣ ଠିକା କର୍ମଚାରୀ ଓ ଡ୍ରାଇଭର ପିସିଆର୍‌ରେ ବସି ଡ୍ୟୁଟି କରୁଛନ୍ତି। ସ୍ଥାୟୀ ପୁଲିସ ଅଫିସର, କନେଷ୍ଟବଳ ଓ ହାବିଲଦାର୍ ରହୁ ନଥିବା ହେତୁ ପାଟ୍ରୋଲିଂ ଢିଲା ହେଉଥିବା ଅଭିଯୋଗ ଉଠିଛି।

ଅନ୍ୟପଟେ, ପୁଲିସ କଣ୍ଟ୍ରୋଲ୍ ରୁମ୍ ଏବଂ ପିସିଆର୍ ଭ୍ୟାନ୍‌ର ତାଳମେଳ ରହୁ ନଥିବାରୁ ପାଟ୍ରୋଲିଂ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। କଟକ କମିଶନରେଟ୍ ପୁଲିସ ବ୍ୟବସ୍ଥାରେ ଏବେ ସମୁଦାୟ ୨୪ଟି ପିସିଆର୍ ଭ୍ୟାନ୍‌କୁ ଏବେ ଡ୍ୟୁଟିରେ ନିୟୋଜିତ କରାଯାଇଛି। ସେଗୁଡ଼ିକ ନିୟମିତ ବ୍ୟବଧାନରେ ସଜଡା ଯାଉ ନଥିବାରୁ ଅନେକ ସମୟରେ ଥାନା ସମ୍ମୁଖରେ ପଡ଼ି ରହଥିବା ଅଭିଯୋଗ ଉଠିଛି। ଏଭଳି ସ୍ଥିତିରେ କର୍ତ୍ତବ୍ୟରତ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚିପାରୁ ନାହାନ୍ତି। ଦିନକୁ ଦିନ କଟକର ପରିସୀମା ପରିବ୍ୟପ୍ତ ହେବା ସହିତ ଜନସଂଖ୍ୟା ମଧ୍ୟ ବୃଦ୍ଧି ଘଟୁଛି। ଏହାକୁ ଦୃଷ୍ଟି ଦେଲେ, ସେହି ତୁଳନାରେ ସହରରେ ପାଟ୍ରୋଲିଂ ପାଇଁ ଥିବା ପିସିଆର୍ ଭ୍ୟାନ୍‌ର ଅଭାବ ପରିଲକ୍ଷିତ ହେଉଛି।

ମିଳିଥିବା ସୂଚନା ଅନୁସାରେ, କଟକ ସହରରେ ସର୍ବନିମ୍ନ ୬୦ଟି ପିସିଆର୍ ଭ୍ୟାନ୍ ଆବଶ୍ୟକତା ରହିଥିବା ବେଳେ ମାତ୍ର ୨୪ଟିରେ କାମ ଚଳାଯାଉଛି। ଯେଉଁ କାରଣରୁ ଦିବାରାତ୍ର ପାଟ୍ରୋଲିଂ ଠିକ୍ ଭାବେ ହୋଇ ପାରୁନାହିଁ ବୋଲି ପ୍ରଶ୍ନ ହେଉଛି। ଏହି ସମସ୍ୟା ସମ୍ପର୍କରେ ଜଣେ ଏଡିସିପି ପାହ୍ୟା ଅଫିସରଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ସମସ୍ୟା ବିଗତ ୩ ବର୍ଷ ହେବ ଲାଗି ରହିଛି। ଉଚ୍ଚସ୍ତରୀୟ ବୈଠକରେ ଏହି ସମସ୍ୟା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ଖୁବଶୀଘ୍ର ଏହି ସମସ୍ୟାର ସମାଧାନ ହେବା ସହିତ କଣ୍ଟ୍ରୋଲ୍ ରୁମ୍ ବ୍ୟବସ୍ଥାରେ ସୁଧାର ଅଣାଯିବ। କଣ୍ଟ୍ରୋଲ୍ ରୁମ୍ ଦାୟିତ୍ୱରେ ଜଣେ ଆଇପିଏସ୍ ର୍‌ୟାଙ୍କ୍‌ର ଅଧିକାରୀ ରହିବେ। ତାଙ୍କ ଅଧିନରେ ୩ଜଣ ଇନ୍ସପେକ୍ଟର, ୧୫ଜଣ ଏସ୍‌ଆଇ ଓ ଏଏସଆଇ କାର୍ଯ୍ୟ କରିବେ। କଣ୍ଟ୍ରୋଲ୍ ରୁମ୍ ଏବଂ ପିସିଆର୍ ଭ୍ୟାନ୍ ମଧ୍ୟରେ ଠିକ୍ ଯୋଗସୂତ୍ର ରଖାଯାଇ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ ବୋଲି ସେ କହିଛନ୍ତି। ଆବଶ୍ୟକତା ସଂଖ୍ୟାରେ ପିସିଆର୍ ଭ୍ୟାନ୍ ନଥିବା ଏବଂ ଅନେକ ସମୟରେ ପିସିଆର୍ ଭ୍ୟାନ୍ ଖରାପ ହେବା ସହ ଠିକା କର୍ମଚାରୀଙ୍କ ଡ୍ୟୁଟିରେ ଅବହେଳା ପ୍ରସଙ୍ଗ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାରେ ବିଭିନ୍ନ ସମସ୍ୟା ଦେଖାଦେଉଛି।

### ଅନଲାଇନ୍ ଟ୍ରେଡିଂ ଆପ୍‌ରେ ଠକେଇ

## ୨ ଯୁବକ ହରାଇଲେ ୭୫ ହଜାର

**କଟକ, ୩୦।୬(ସମିସ):** ବ୍ୟାଙ୍କ୍ ଜମା ଖାତାରେ ଦୁଇ ଗୁଣା ମୂଳ ଅର୍ଥ ସହିତ ୪୦ ପ୍ରତିଶତ ସୁଧ ଲୋଭ ଦେଖାଇ ୭୫ ହଜାର ଟଙ୍କା ଠକିନେଇଛନ୍ତି ସାଇବର ଅପରାଧୀ। ଦୁଇ ଭିନ୍ନ ଘଟଣାରେ ଦୁଇ ଜଣ ଯୁବକ ସାଇବର ଠକଙ୍କ ଅନଲାଇନ ଟ୍ରେଡିଂ ଜାଲରେ ପଡ଼ି ୭୫ ହଜାର ଟଙ୍କା ହରାଇଛନ୍ତି। ଏନେଇ ଆଜି ସାଇବର ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ସାଇବର ଥାନା ପୁଲିସ ସୂଚନା ଅନୁସାରେ, ବିଡାନାସୀ ଥାନା ଅନ୍ତର୍ଗତ ତୁଳସୀପୁର ଅଞ୍ଚଳର ଜଣେ ଯୁବକଙ୍କ ଟେଲିଗ୍ରାମକୁ ଗତ ସପ୍ତାହରେ ଏକ ମେସେଜ ଆସିଥିଲା। ଘରେ ବସି ସ୍ୱଳ୍ପ ନିବେଶରେ ଅଧିକ ଲାଭାନ୍ୱିତ ହେବାକୁ ଚାହୁଁଥିଲେ ଉକ୍ତ ଲିଙ୍କରେ କ୍ଲିକ କରିବାକୁ କୁହାଯାଇଥିଲା। ଯୁବକ ଜଣକ ଉକ୍ତ ଲିଙ୍କ ଖୋଲିବା ପରେ ତାଙ୍କୁ ଏକ ଅନ୍‌ଲାଇନ ଟ୍ରେଡିଂ ଆପ ଇନଷ୍ଟଲ କରିବାକୁ ନିର୍ଦ୍ଦେଶ ଆସିଥିଲା। ତେବେ ଉକ୍ତ ଆପ ଜରିଆରେ ଟ୍ରେଡିଂ କଲେ ୪୦ ପ୍ରତିଶତ ସୁଧ ସହିତ ମୂଳ ଅର୍ଥର ଦୁଇ ଗୁଣା ୪୮ ଘଣ୍ଟା ଭିତରେ ଫେରସ୍ତ ମିଳିବ। ମୂଳ ଅର୍ଥ ଆପଣଙ୍କ ୱାଲେଟରେ ହିଁ ରହିବ। ଚାହିଁଲେ ମୂଳ ଅର୍ଥକୁ ଉଠାଇ ନେଇପାରିବେ ବୋଲି ସେଥିରେ ଉଲ୍ଲେଖ ରହିଥିଲା। ସାଇବର ଅପରାଧୀଙ୍କ ଚାଲ୍ ବୁଝି ନ ପାରି ଯୁବକ ଜଣକ ପର୍ଯ୍ୟାୟକ୍ରମେ ଉକ୍ତ ଟ୍ରେଡିଂ ଆପରେ ୫୦ ହଜାର ଟଙ୍କା ବିନିଯୋଗ କରି ଦେଇଥିଲେ। ମାତ୍ର ୪୮ ଘଣ୍ଟା ପରେ ବି ତାଙ୍କୁ ଟଙ୍କାଟିଏ ଫେରସ୍ତ ମିଳି ନ ଥିଲା। ପରେ ସେ ୱାଲେଟରେ ଥିବା ଟଙ୍କାକୁ ଉଠାଇବାକୁ ଚାହିଁଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା। ଦୁଇ ଦିନ ତଳେ ଦେଖିଲେ ଯେ, ଉକ୍ତ ୱାଲେଟ୍ ଆକାଉଣ୍ଟ ବ୍ଲକ ହୋଇଯାଇଛି। ଉକ୍ତ ଟ୍ରେଡିଂ ଆପ ମଧ୍ୟ କାର୍ଯ୍ୟ କରୁନାହିଁ। ଏଭଳି ସ୍ଥିତିରେ ଏକ ବଡ ଠକାମୀରେ ପଡ଼ିଥିବା ଜାଣି ସେ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେହିଭଳି ବକ୍ସିବଜାର ଅଞ୍ଚଳର ଜଣେ ଯୁବକ ମଧ୍ୟ ୪୦ ପ୍ରତିଶତ ସୁଧ ଓ ମୂଳ ଅର୍ଥର ଦୁଇ ଗୁଣାର ପ୍ରତିଶ୍ରୁତିରେ ପଡ଼ି ଠକାମୀର ଶିକାର ହୋଇଛନ୍ତି। ଶୁକ୍ରବାର ସମାନ ତରିକାରେ ଉକ୍ତ ଯୁବକଙ୍କ ଟେଲିଗ୍ରାମରେ ଅନଲାଇନ ଟ୍ରେଡିଂ ଲିଙ୍କ ଆସିଥିଲା। ଲୋଭନୀୟ ସୁଯୋଗ ଦେଖି ସେ ୨୫ ହଜାର ନିବେଶ କରିବା ପରେ ଉକ୍ତ ଆକାଉଣ୍ଟ ବ୍ଲକ ହୋଇଯାଇଛି। ଏହାଦେଖି ଯୁବକ ଜଣକ ଗତକାଲି ସାଇବର ଥାନାରେ ଏତଲା ଦେଇଛନ୍ତି।

## ଯାଞ୍ଚ ଆଳରେ ଓକିଲଙ୍କୁ ପୁଲିସର ଦୁର୍ବ୍ୟବହାର

**କଟକ, ୩୦।୬(ସମିସ):** ଯାଞ୍ଚ ଆଳରେ ଓଡ଼ିଶା ହାଇକୋର୍ଟର ଦୁଇଜଣ ଆଇନଜୀବୀଙ୍କୁ ପୁଲିସର ଦୁର୍ବ୍ୟବହାର ନେଇ ରାଜ୍ୟ ମାନବାଧିକାର କମିଶନଙ୍କ ନିଟକରେ ଏକ ମାମଲା ରୁଜୁ ହୋଇଛି। ଓଡ଼ିଶା ହାଇକୋର୍ଟର ଆଇନଜୀବୀ ଦିଲୀପ କୁମାର ରାୟ ଓ ଆଇନଜୀବୀ ପ୍ରସନ୍ନ କୁମାର ପାତ୍ର ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଏହି ମାମଲା ରୁଜୁ କରିଛନ୍ତି। ଏହି ଆବେଦନପତ୍ରରେ ଦର୍ଶାଯାଇଛି ଯେ ସ୍ନାନ ପୂର୍ଣ୍ଣିମା ଅବସରରେ ଗତ ୨୨ ତାରିଖ ରାତିରେ ସିଦ୍ଧଗିରି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ନେମାଳସ୍ଥିତ ଅଚ୍ୟୁତାନନ୍ଦ ପୀଠରେ ଭକ୍ତମାନଙ୍କ ସେବାକାର୍ଯ୍ୟରେ ଯୋଗଦାନ କରି ଆବେଦନକାରୀ ଦ୍ୱୟ କାର ନଂ ଓଡି-ଏଏସ-୬୦୬୦ରେ କଟକ ଫେରୁଥିଲେ। ମାତ୍ର ମଧୁପାଟଣା ଥାନା ପୁଲିସ ସେମାନଙ୍କୁ ଲିଙ୍କରୋଡ ଠାରେ ଯାଞ୍ଚ ଆଳରେ ରାସ୍ତାରେ ଅଟକାଇଥିଲେ। ସେମାନଙ୍କ ନିକଟରେ କାରର ବୈଧ କାଗଜପତ୍ର ସହ ଗାଡି ଚଳାଉଥିବା ଆଇନଜୀବୀ ଦିଲୀପ ରାୟଙ୍କ ବୈଧ ଲାଇସେନ୍ସ ଆଦି ଥିଲା। ମାତ୍ର ମଦୁଆ ଗାଡି ଚାଳକଙ୍କ ଲାଗି ହେଉଥିବା ପରୀକ୍ଷା ଲାଗି ସେମାନଙ୍କୁ ପୁଲିସ ବାଧ କରି ଦୀର୍ଘ ଦୁଇ ଘଣ୍ଟା ଧରି ଅଟକାଇ ରଖିଥିଲା। ପରେ ବ୍ରିଥ ଆନାଲାଇଜରରେ ପରୀକ୍ଷା କରାଇବା ପରେ ସେମାନଙ୍କ କିଛି ତ୍ରୁଟି ନଥିବା ଜଣାପଡ଼ିବା ପରେ ସେମାନଙ୍କୁ ଛାଡି ଥିଲା। ପୁଲିସ ମଦ୍ୟପ ଡ୍ରାଇଭରଙ୍କୁ ଧରିବା ଲାଗି ଯାଞ୍ଚ ବେଳେ ବାଛ ବିଚାର କରୁଥିବା ଯୋଗୁ ସମ୍ପୃକ୍ତ ଅଧିକାରୀଙ୍କୁ ୧୦ ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରିବାକୁ ଆବେଦନକାରୀ ଦ୍ୱୟ ମାନବାଧିକାର କମିଶନଙ୍କୁ ନିବେଦନ କରିଛନ୍ତି। ଏହି ମାମଲାରେ ରାଜ୍ୟ ଗୃହ ସଚିବ, ପୋଲିସ ଆଇଜି, ଦ୍ୱୈତ ନଗରୀର ପୁଲିସ କମିଶନର, ଡିସିପି ଓ ମଧୁପାଟଣା ଥାନା ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି।

**ମାନବାଧିକାର କମିଶନଙ୍କ ନିକଟରେ ମାମଲା**

## ଦୁର୍ଦ୍ଧାନ୍ତ ଅପରାଧୀ ଗିରଫ

**କଟକ, ୩୦।୬(ସମିସ):** ଦାଦାବଟି ମାଗି ବିଫଳ ହେବାରୁ ୨ଜଣଙ୍କୁ ମରଣାନ୍ତକ ଆକ୍ରମଣ କରି ରାଜ୍ୟ ବାହାରକୁ ଖସି ପଳାଇଯାଇଥିବା ଜଣେ ଦୁର୍ଦ୍ଧାନ୍ତ ଅପରାଧୀକୁ ଆଜି ଲିଙ୍କରୋଡ ଅଞ୍ଚଳରୁ ପୁଲିସ ଗିରଫ କରିଛି। ଅଭିଯୁକ୍ତଜଣକ ହେଲା ମଧୁପାଟଣା ଥାନା ଅନ୍ତର୍ଗତ ପଞ୍ଚମୁଖୀ ହନୁମାନ ଗଡ଼ା ନିକଟରେ ରହୁଥିବା ନାରାୟଣ ସ୍ୱାଇଁ ଓରଫ ନାରୁ। କୋର୍ଟଚାଲାଣ ପରେ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୁଲିସ ସୂଚନା ଅନୁସାରେ, ୨୦୨୩ ଜାନୁଆରୀ ୨ରେ ୪୨ମୌଜା ଅଞ୍ଚଳର ସୌଭାଗ୍ୟରଞ୍ଜନ ଦାସ ଓ ତାଙ୍କ ସାଙ୍ଗ ଚନ୍ଦ୍ରକାନ୍ତ ଓଝା ଗୋଟିଏ ବାଇକ୍‌ରେ ମଧୁପାଟଣା ଥାନା ଅନ୍ତର୍ଗତ ଜଗନ୍ନାଥ ରୋଡରେ ଥିବା କାର୍ଟୁନ ଫ୍ୟାକ୍ଟ୍ରି ପାଖକୁ ଆସିଥିଲେ। ସେମାନେ ସେଠାରେ ଆସି ପହଞ୍ଚିବା ପୂର୍ବରୁ କେହି ଜଣେ ଗୋଟିଏ କୁକୁର ଉପରେ ଗାଡି ଚଢ଼ାଇ ପଳାଇଯାଇଥିବା ଦେଖିବାକୁ ପାଇଥିଲେ। ଏହି ସମୟରେ ଅଭିଯୁକ୍ତ ନାରୁ ସେଠାରେ ପହଞ୍ଚି ଯାଇଥିଲା। ଗାଡି ଚଢ଼ାଇ କୁକୁରକୁ ମାରିଛ ଏବଂ ଏଥିପାଇଁ ୫ହଜାର ଟଙ୍କା ଦେବାକୁ ହେବ। ଟଙ୍କା ନ ଦେଲେ ୨ ଜଣ ଏଠାରୁ ଛାଡିବି ନାହିଁ ବୋଲି ସେ ଧମକ ଦେଇଥିଲା। ଏହାଶୁଣି ସୌଭାଗ୍ୟ ଓ ଚନ୍ଦ୍ରକାନ୍ତ ପ୍ରତିବାଦ କରିବା ସହିତ ସେମାନେ କୁକୁରକୁ ମାରି ନାହାନ୍ତି। ଏଣୁ କୌଣସି ଟଙ୍କା ଦେବେ ନାହିଁ ବୋଲି ରୋକଠୋକ୍ ମନା କରିଦେଇଥିଲେ। ଏହାପରେ ନାରୁ ରାଗିଯାଇ ପାଖରେ ପଡ଼ିଥିବା ଏକ କାଠଫାଳିଆ ଆଣି ଉଭୟଙ୍କୁ ଆକ୍ରମଣ କରିଥିଲା। ଫଳରେ ଲହୁଲୁହାଣ ହୋଇ ସୌଭାଗ୍ୟ ଓ ଚନ୍ଦ୍ରକାନ୍ତ ସେଠାରେ ପଡ଼ିଯିବା ପରେ ନାରୁ ସେମାନଙ୍କ ପକେଟରୁ ମୋବାଇଲ ବାହାରକରି ଭାଙ୍ଗିଦେବା ସହିତ ଟଙ୍କା ଥିବା ପର୍ସକୁ ନେଇ ଚମ୍ପଟ ମାରିଥିଲା। ଖବର ପାଇ ପୁଲିସ ସେଠାରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ନେଇଯାଇଥିଲା। ସୁସ୍ଥ ହେବା ପରେ ସୌଭାଗ୍ୟର ଏତଲାକ୍ରମେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିବା ସହିତ ଆକ୍ରମଣକାରୀ ନାରୁକୁ ଚିହ୍ନଟ କରିବାରେ ସମର୍ଥ ହୋଇଥିଲା। ତାକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ପୁଲିସ ଚଢ଼ଉ କରିବାରୁ ସେ ଏଠାରୁ ଖସି ରାଜ୍ୟ ବାହାରକୁ ଚାଲିଯାଇଥିଲା। ସେହିଦିନଠାରୁ ପୁଲିସ ନାରୁର ସନ୍ଧାନ ନେବାରେ ଲାଗିଥିବା ବେଳେ ଆଜି ଅପରାହ୍ଣରେ ସେ ମଧୁପାଟଣା ଛକଦେଇ ଘରକୁ ଆସୁଥିବା ବେଳେ ଖବରପାଇ ପୁଲିସ ତାକୁ ବାଟରେ ଅଟକାଇଥିଲା। ତାକୁ ଧରିଆଣି ପଚରାଉଚରା କରିବାରୁ ଧରାପଡ଼ିଯିବା ଭୟରେ ସେ ଏଠାରୁ ଖସିଯାଇ ମହାରାଷ୍ଟ୍ର ଚାଲିଯାଇଥିଲା। ପାଖରେ ଥିବା ଟଙ୍କା ଶେଷ ହୋଇଯିବା ପରେ ଅନ୍ୟଉପାୟ ନ ପାଇ ଏକ ହୋଟେଲରେ କାର୍ଯ୍ୟ କରୁଥିଲା। ଏହାପରେ ସେ ସେଠାରୁ ଗୋଆ ପଳାଇଆସିବା ସହିତ ଆଉ ଏକ ହୋଟେଲରେ କାମ କରୁଥିଲା ବୋଲି ନାରୁ ପୁଲିସ ନିକଟରେ କହିଛି। ଅନ୍ୟପକ୍ଷରେ ତଦନ୍ତ ସମୟରେ ପୂର୍ବରୁ ତା' ନାମରେ ୭ରୁ ଅଧିକ ବିଭିନ୍ନ ଅପରାଧିକ ମାମଲା ରହିଥିବା ନେଇ ଜଣାପଡ଼ିଥିବା ଥାନା ଅଧିକାର ଚିତ୍ତରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

## ପାୟଲ ଇନଷ୍ଟିଚ୍ୟୁଟର ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ

**କଟକ, ୩୦।୬(ସମିସ):** ନେତାଜୀନଗର ସ୍ଥିତ ପୁରାତନ କଳା, ନୃତ୍ୟ ଓ ସଙ୍ଗୀତ ଅନୁଷ୍ଠାନ ପାୟଲ ଇନ୍‌ଷ୍ଟିଚ୍ୟୁଟ୍‌ର ପଞ୍ଚମୁଖୀ ମହୋତ୍ସବ-୨୦୨୪ର ପ୍ରସ୍ତୁତି ତଥା ପାୟଲ ଇନ୍‌ଷ୍ଟିଚ୍ୟୁଟର ରୌପ୍ୟ ଜୟନ୍ତୀ ସମାରୋହ ଉତ୍ସବର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ପାୟଲ ଅନୁଷ୍ଠାନର ସଭାପତି ଆଇନିଜୀବୀ ସଂଯୋଜ କୁମାର ସାମନ୍ତରାୟ ପୌରୋହିତ୍ୟ କରିଥିବା ବେଳେ ଡା. ହରେକୃଷ୍ଣ ନାୟକ, ପାୟଲର ମୁଖ୍ୟ ଉପଦେଷ୍ଟା ବିଜୟ କୁମାର ପଡ଼ିହାରୀ, କଳିଙ୍ଗ ରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ଗୁରୁ ଅରୁପ ଲାଲ ଘୋଷ, ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦିକା ଅର୍ଚ୍ଚନା ରାଉତ, ଯୁଗ୍ମ ସମ୍ପାଦକ ଦେବାଶଷ ଜେନା, କୋଷାଧ୍ୟକ୍ଷ ଅପର୍ଣ୍ଣା ଜେନା, ତ୍ରିନାଥ ସାହୁ, ଦୁଃଶାସନ ପରିଡ଼ା, ବୁଦ୍ଧିରଞ୍ଜନ ସାହୁ, ଡଃ ସାରଦା ମହାନ୍ତି, ଅଭିମନ୍ୟୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚମୁଖୀ ମହୋତ୍ସବ-୨୦୨୪ରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିତ୍ୱ ତଥା ପାୟଲର ପୂର୍ବତନ ସୁଯୋଗ୍ୟ ନୃତ୍ୟ ଶିଳ୍ପୀଙ୍କୁ ସ୍ୱତନ୍ତ୍ର ସମ୍ମାନ ଦିଆଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା। ଦୀର୍ଘ ପଚିଶବର୍ଷର ଅନଭୂତିର ଦର୍ପଣ 'ପାୟଲ ଝଙ୍କାର' ମୁଖପତ୍ର ଦ୍ୱାରା ଲବ୍ଧ ପ୍ରତିଷ୍ଠିତ ସୃଜନଶୀଳ ବ୍ୟକ୍ତିତ୍ୱଙ୍କ ଲେଖନୀ ନିସୃତ ଅମୃତବାର୍ତ୍ତା ଲୋକାପର୍ଣ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପାୟଲ ଅନୁଷ୍ଠାନର ସଭାପତି ଆଇନିଜୀବୀ ସଂଯୋଜ କୁମାର ସାମନ୍ତରାୟ ଓ ଇସ୍‌କଫର ସାଧାରଣ ସମ୍ପାଦକ ବିଜୟ କୁମାର ପଡ଼ିହାରୀ କୋରିଆ ଆମ୍ବାସୀଙ୍କ ଦ୍ୱାରା ଗ୍ରହଣ କରିଥିବା ଆନ୍ତର୍ଜାତୀୟ ସମ୍ମାନ ପାୟଲ ଇନ୍‌ଷ୍ଟିଚ୍ୟୁଟ୍ ସମ୍ପାଦିକା ବିଶିଷ୍ଟ ଓଡିଶୀ ନୃତ୍ୟ ଶିଳ୍ପୀ ଅନୀମା ଜେନାଙ୍କୁ ହସ୍ତାନ୍ତର କରିଥିଲେ। ଶେଷରେ ସମ୍ପାଦିକା ଅନିମା ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



## ପ୍ରେସ୍ କ୍ଲବ୍‌ର ପ୍ରସ୍ତୁତି ବୈଠକ ଓ ବନ୍ଧୁମିଳନ

**ଚୌଦ୍ୱାର, ୩୦।୬(ସମିସ):** ଚୌଦ୍ୱାର ପ୍ରେସ୍ କ୍ଲବ୍ ତରଫରୁ ଡିହସାହିସ୍ଥିତ ଆଦିତ୍ୟ ରିସୋର୍ଟରେ ଏକ ପ୍ରସ୍ତୁତି ବୈଠକ ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଗଙ୍ଗାଧର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଲବ୍‌ର ସଦସ୍ୟମାନେ ଯୋଗଦେଇ ଚଳିତ ବର୍ଷାଋତୁରେ ଅଞ୍ଚଳର ବିଭିନ୍ନ ଖୋଲାସ୍ଥାନ ଓ ରାସ୍ତା ପାର୍ଶ୍ୱରେ ପର୍ଯ୍ୟାପ୍ତ ଚାରାରୋପଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିସହ ସ୍ୱାସ୍ଥ୍ୟ ଚିକିତ୍ସା ଶିବିରର ଆୟୋଜନ ଓ କ୍ଲବ୍‌ର ପ୍ରତିଷ୍ଠା ଦିବସ ପାଳନ କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଉପଦେଷ୍ଟା ଏସ୍‌କେ ପଣ୍ଡା, ପ୍ରକାଶ ନାୟକ, ଶୁଭେନ୍ଦୁ ସାମଲ, ଅଜିତ ସ୍ୱାଇଁ, ବିଶ୍ୱଜିତ ଭଞ୍ଜ, ବିମଳ ବେଉରା, ସୁଧାକର ସାମନ୍ତରାୟ, ଅଶୋକ ଦାସ, ଲକ୍ଷ୍ମୀଧର ଦାସ, ସୁରେଶ ଚନ୍ଦ୍ର ପୃଷ୍ଟି ଓ ସାଗର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସାମ୍ବାଦିକ ଆଶୁତୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଚସ୍ପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**କଟକ, ୩୦।୬(ସମିସ):** ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ କଟକ ଗସ୍ତରେ ଆସି କଟକ ଚଣ୍ଡୀ ମନ୍ଦିର ଦର୍ଶନ କରିଥିଲେ। ପରେ ତାଙ୍କର ପୂର୍ବ ନିର୍ଦ୍ଧାରିତ ବିଭିନ୍ନ କାର୍ଯକ୍ରମ ସାରଳା ଭବନ ଓ ରାଷ୍ଟ୍ରଦୀପ କାର୍ଯ୍ୟାଳୟ ଯାଇଥିଲେ। ଏହି ଗସ୍ତ ଅବସରରେ ନଗର ଜିଲ୍ଲା ନେତ୍ରୀ ପ୍ରବୀଣା ମହାପାତ୍ର, ହେମନ୍ତ ବେହେରା, ରତନ ମହାନ୍ତି, ୱାଇ ୱାଣି, ଅନୁପମ ଦାସ, ବିଶ୍ୱଜିତ ଦାସ, ରୀତା ମହାପାତ୍ର, ସ୍ନିଗ୍ଧାରାଣୀ ବିଶ୍ୱାଳ, ପ୍ରତିମା ସ୍ୱାଇଁ, ସ୍ୱର୍ଣ୍ଣଲତା ସେଠୀ, ସଂଯୁକ୍ତା ମିଶ୍ର ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

## ଡ୍ରେନେଜ୍ ସମସ୍ୟା ଦୂର ପାଇଁ ବିଧାୟକଙ୍କ ପଦକ୍ଷେପ

**ନିଶ୍ଚିନ୍ତକୋଇଲି, ୩୦।୬(ସମିସ):** କଟକ ଚାନ୍ଦବାଲି ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ଥିବା କୋଡ଼ିଏ ମାଇଲ ଜମରା ଛକରୁ ନିଶ୍ଚିନ୍ତକୋଇଲି ବ୍ଲକ ଛକ ଦେଇ ଭେଟେଣା ପୋଲ ପର୍ଯ୍ୟନ୍ତ ଥିବା ବର୍ଷା ଜଳ ନିଷ୍କାସନ ଡ୍ରେନକୁ ଅବରୋଧ କରାଯାଇଛି। ଏହାଦ୍ୱାରା କଟକ ଚାନ୍ଦବାଲି ରାସ୍ତା ଉପରେ ପାଣି ଜମି ରହିବା, ବୁହାଳୋ ଗହିରରେ ଥିବା ୫୦ ଏକରରୁ ଊର୍ଦ୍ଧ୍ୱ ଚାଷ ଜମି ଜଳମଗ୍ନ ହୋଇ ରହିଥିବାରୁ କୌଣସି ଫସଲ ହେଉ ନ ଥିବା, ଗୁଡ଼ିଆ ପୋଖରୀ ଗାଁରେ ଲୋକମାନଙ୍କ ଘର ଓ ବାଡ଼ିରେ ବର୍ଷା ଜଳ ପଶି ଜମା ହୋଇ ରହିବାରୁ ବିଭିନ୍ନ ସମସ୍ୟା ଉପୁଜୁଛି। ଏହି ଡ୍ରେନ ଉପରୁ ଜବରଦଖଲ ହଟାଇ ଏହାକୁ ଏକ ପକ୍କା ଡ୍ରେନରେ ପରିଣତ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଅନୁରୋଧ କରିଥିଲେ ମଧ୍ୟ କେହି ଦୃଷ୍ଟି ଦେଇନାହାଁନ୍ତି। ଶନିବାର ଦିନ ସ୍ୱାଧୀନାନନ୍ଦ ପରିଡ଼ା ଓ ଅଜୟ ପରିଡ଼ାଙ୍କ ନେତୃତ୍ୱରେ ଭାସ୍କର ବିଶ୍ୱାଳ, ସମିତିସଭ୍ୟ ଭବାନୀଶଙ୍କର ବେହେରା, ବଟକୃଷ୍ଣ ମହାପାତ୍ର, ଜ୍ଞାନରଞ୍ଜନ ଦାସ, ଜଗବନ୍ଧୁ ମୁଦୁଲି, ରବିନାରାୟଣ ପରିଡ଼ା, ରେଣୁବାଳା ରାଉତରାୟ, ଅନନ୍ତଚରଣ ବେହେରା, ପୁରୁଷୋତ୍ତମ ବିଶ୍ୱାଳ, ରାଜକିଶୋର ବେଜଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ସହିତ ଆସି ଅବରୋଧ ହୋଇଥିବା ଡ୍ରେନଟିକୁ ବୁଲି ଦେଖିଥିଲେ। ଆସନ୍ତା ଡ଼ିସେମ୍ବର ମାସରେ ଏହି ଡ୍ରେନକୁ ପକ୍କା କରିବା ଏବଂ ବର୍ତ୍ତମାନ ବର୍ଷା ଋତୁ ପାଇଁ ଜଳ ନିଷ୍କାସନର ସୁବିଧା ନିମନ୍ତେ ତ୍ୱରିତ ପଦକ୍ଷେପ ପାଇଁ ଡ୍ରେନେଜ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିଥିଲେ। ସୋମବାର ଦିନ ଡ୍ରେନେଜ ବିଭାଗୀୟ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ ପରେ ସମସ୍ୟା ଦୂର କରିବା ପାଇଁ ବିଧାୟକ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି।



# ଜରାଜୀର୍ଣ୍ଣ ପଲ୍ଲୀକବି ତୋରଣ, ହେଉନି ମରାମତି

**ପୂଜ୍ୟପୂଜାକୁ ଏମିତି ସମ୍ମାନ !**

**ମାହାଙ୍ଗା, ୩୦।୬(ସମିସ):** ମାହାଙ୍ଗା ଅଞ୍ଚଳ ହେଉଛି ଏକ ସାହିତ୍ୟ ସଂସ୍କୃତି ଓ ପୂଜ୍ୟ ପୂଜାର ମାଟି। ଏଠାରେ ଅନେକ ବରପୁତ୍ର ଜନ୍ମଗ୍ରହଣ କରି ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ସେମାନଙ୍କ ମଧ୍ୟରେ ଅନ୍ୟତମ ବରପୁତ୍ର ହେଉଛନ୍ତି ମାହାଙ୍ଗା ବ୍ଲକ କୁସୁପୁର ଗ୍ରାମର ପଲ୍ଲିକବୀ ନନ୍ଦକିଶୋର ବଳ। ତାଙ୍କର ସ୍ମୃତି ଓ ସମ୍ମାନ ଉଦ୍ଦେଶ୍ୟରେ ୨୦୦୭ରେ ତତ୍‌କାଳୀନ ବିଧାୟକ ସ୍ୱର୍ଗତ ବିକ୍ରମ କେଶରୀ ବର୍ମାଙ୍କ ଉଦ୍ୟମ କ୍ରମେ କୁଆଁପାଳ-ବାଲିଚନ୍ଦ୍ରପୁର ପୂର୍ତ୍ତ ରାସ୍ତାର କବିଙ୍କ ଜନ୍ମପୀଠ କୁସୁପୁର ନିକଟରେ କବିଙ୍କ ନାମରେ ଏକ ତୋରଣ ନିର୍ମାଣ କରାଯାଇଛି। ଏହି ତୋରଣକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହା ମଧ୍ୟରେ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ତୋରଣଟିକୁ ରକ୍ଷଣାବେକ୍ଷଣ କରାଯାଉନାହିଁ। ଫଳରେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ମାହାଙ୍ଗାରେ ବରପୁତ୍ରଙ୍କୁ ସଠିକ୍ ଭାବରେ ପ୍ରସାର ପ୍ରଚାର ଓ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ସମୟରେ ସଭା ସମିତି କରାଯାଉଥିଲା ବେଳେ କିନ୍ତୁ ପଲ୍ଲୀ କବିଙ୍କ ତୋରଣ ପ୍ରତି ଇଏ କି ସମ୍ମାନ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରକ୍ଷଣାବେକ୍ଷଣ ଅଭାବରୁ ଏହା ଧିରେ ଧିରେ ଜରାଜୀର୍ଣ୍ଣ ହୋଇ ବିପଦସଂକୁଳ ଅବସ୍ଥାକୁ ଆସିଲାଣି। ଏନେଇ ବୁଦ୍ଧିଜୀବୀ ମହାଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଥିଲା ବେଳେ ତୁରନ୍ତ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି। ବିଧାୟକ ଶାରଦା ପ୍ରଧାନ ଏଥିପ୍ରତି ଦୃଷ୍ଟି ଦେବା ସହ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଏହି ତୋରଣଟିକୁ ମରାମତି କରିବାକୁ ଦାବି ହୋଇଛି।






# କଟକ ସିଟି



## ମାଗଣା ଚକ୍ଷୁ ପରୀକ୍ଷା ଶିବିର



**କଟକ, ୩୦।୬(ସମିସ):** ୟୁଥ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସେଣ୍ଟର୍ ଫର୍ ସାଇଟ୍ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିର ସୂତାହାଟ, ତନ୍ତି ସାହି ସମେତ ପାଖାପାଖି ଥିବା ଅଞ୍ଚଳର ଲୋକେ ଆସି ଏଠାରେ ମାଗଣାରେ ଚକ୍ଷୁ ପରୀକ୍ଷା କରାଇଥିଲେ ଏବଂ ମାଗଣା ଔଷଧ ଏବଂ ମାଗଣା ଚଷମା ପ୍ରଦାନ କରାଯାଇଥିଲା । ଟ୍ରଷ୍ଟର ସମସ୍ତ ସଦସ୍ୟ ଓ ସଦସ୍ୟାଙ୍କ ଯୋଗଦାନ ହେତୁ ଶିବିରଟି ସଫଳ ହୋଇପାରିଥିଲା ।

## ମହାନଦୀ ବିହାର ମହିଳା ସମିତିର ବାର୍ଷିକ ଉତ୍ସବ



**କଟକ, ୩୦।୬(ସମିସ):** ମହାନଦୀ ବିହାର ମହିଳା ସମିତିର ୩୬ତମ ବାର୍ଷିକ ଉତ୍ସବ ସଭାନେତ୍ରୀ ଇନ୍ଦୁ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଶିକ୍ଷାବିତ ଡ ପ୍ରଭାତୀ ମିଶ୍ର ମୁଖ୍ୟଅତିଥି ଓ ମନସ୍ତତ୍ତ୍ୱ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ପ୍ରତିଭା ମହାରଥୀ ମୁଖ୍ୟବକ୍ତା, ପ୍ରାକ୍ତନ ବିଧାୟକ ଡ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇଥିଲେ । ମୁଖପତ୍ର 'ଶ୍ରୀମୟୀ' ଉନ୍ମୋଚିତ ହୋଇଥିଲା । ଡ ପ୍ରଭାତି ମିଶ୍ରଙ୍କ ପୁସ୍ତକ 'ଜେଷ୍ଟ ଫର ଟ୍ରାଭେଲ' ମଧ୍ୟ ଲୋକାର୍ପିତ ହୋଇଥିଲା । କୋଷାଧ୍ୟକ୍ଷ ରୀନା ମିଶ୍ର ଅତିଥି ପରିଚୟ ଓ ସମ୍ପାଦିକା ନିବେଦିତା ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ । ମଧୁସ୍ମିତା ଷଡ଼ଙ୍ଗୀ ସଂଯୋଜନା କରିଥିବା ବେଳେ ଗାୟତ୍ରୀ ଶତପଥୀ ବେଦ ପାଠ ଓ ଉପସଭାପତି ଉମା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ସାଂସ୍କୃତିକ ସମ୍ପାଦିକା ନମିତା ଦାଶଙ୍କ ସହଯୋଗରେ ଅମରେନ୍ଦ୍ର ମହାନ୍ତିଙ୍କ ନିର୍ଦ୍ଦେଶିତ ଗୀତିନାଟ୍ୟ 'ପୁନେଇ ଖିଆ'ରେ ସଭ୍ୟା ଅନିତା, ଶର୍ମିଳା, ବନ୍ଦିତା, ସସ୍ମିତା, କନକ, ପ୍ରଣତି ଆଦି ଅଭିନୟ କରିଥଲେ । ଉପଦେଷ୍ଟା ସ୍ନେହ କରଙ୍କ ସହ ସଞ୍ଜିତା ଦାଶ, ସୀମା କୁମାରୀ, ତୃପ୍ତି, ପ୍ରମୁଖ ସହଯୋଗ କରିଥିଲେ ।

### ହେଉନି ସିମ୍ କାର୍ଡ ଡିଲରଙ୍କ ପୁଲିସ ଯାଞ୍ଚ

# ବଢ଼ିଚାଲିଛି ବେଆଇନ୍ ସିମ୍ କାରବାର

**କଟକ, ୩୦।୬(ସମିସ):** ସହରରେ ଥିବା ସିମ୍ ଡିଲରମାନଙ୍କ ଉପରେ କମିଶନରେଟ୍ ପୁଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ନେଇଥିଲା । ବିଭିନ୍ନ କମ୍ପାନୀର ସିମ୍ ବିକ୍ରୟ କରୁଥିବା ଡିଲର୍‌ମାନଙ୍କ ନିମନ୍ତେ ପୁଲିସ ଯାଞ୍ଚ ପ୍ରକ୍ରିୟାକୁ ବାଧ୍ୟତାମୂଳକ କରିବାକୁ ପୁଲିସର ବିଭାଗୀୟ ଆଭ୍ୟାନ୍ତରୀଣ ବୈଠକରେ ସ୍ଥିର କରାଯାଇଥିଲା । ମନଇଛାରେ ସହର ମଧ୍ୟରେ କୌଣସି ଡିଲର୍ ଏବଂ ଖୁଚୁରା ବ୍ୟବସାୟ ସିମ୍ ବ୍ୟବସାୟ କରୁଥିଲେ, ସେମାନଙ୍କର ଡିଲରସିପ୍ ସାର୍ଟିଫିକେଟ୍, ସିମ୍ ବିକ୍ରୟ ସମୟରେ ଗ୍ରାହକଙ୍କ ଠାରୁ ଆଣିଥିବା ଆଧାରକାର୍ଡ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ୍ ପୁଲିସ ଯାଞ୍ଚ କରିବ । ଡିଲର୍‌ମାନେ ବିକ୍ରୟ କରୁଥିବା ପ୍ରତ୍ୟେକ ସିମ୍‌ର ବାବଦରେ ଗ୍ରାହକଙ୍କ ପକ୍ଷରୁ ଦାଖଲ ହେଉଥିବା ଡକ୍ୟୁମେଣ୍ଟ୍ ଅସଲି କି ନକଲି ତାହାର ମଧ୍ୟ ଯାଞ୍ଚ କରାଯିବ । ଏ ସମ୍ପର୍କରେ ପୁଲିସ ମୁଖ୍ୟାଳୟରୁ ନିର୍ଦ୍ଦେଶ ଆସିବା ପରେ ସାଇବର ଥାନାରେ ପକ୍ଷରୁ ସିମ୍ ଡିଲର୍‌ମାନଙ୍କ କାଗଜପତ୍ର ଯାଞ୍ଚ ପ୍ରକ୍ରିୟା ମଧ୍ୟ ଆରମ୍ଭ କରାଯାଇଥିଲା । ହେଲେ ଏହି ପ୍ରକ୍ରିୟା ମାତ୍ର ଏକ ସପ୍ତାହ ଚାଲି ବନ୍ଦ ହୋଇଗଲା । ଏବେ ବେଆଇନ୍ ସିମ୍ କାରବାର କଟକ ସହରରେ ବଢ଼ିବାରେ ଲାଗିଛି ।

ପୁଲିସ ସୂଚନା ଅନୁସାରେ, ଟେଲିକମ୍ ବିଭାଗ ଏବଂ ସରକାରଙ୍କ ପକ୍ଷରୁ ଗତ ୧୦ ମାସ ମଧ୍ୟମରେ ସମଗ୍ର ଦେଶରୁ ୫୨ଲକ୍ଷ ଫୋନ୍ ନମ୍ବରକୁ କାଟି ଦିଆଯାଇଛି । ଅନ୍ୟପକ୍ଷେ ୬୭ହଜାର ଡିଲର୍‌ଙ୍କୁ କଳା ତାଲିକାଭୁକ୍ତ କରାଯାଇଛି । ଏହିକ୍ରମରେ ପ୍ରଥମେ କଟକ ସହରରେ ୧୨ଜଣ ଡିଲର୍‌ଙ୍କୁ ସାଇବର ଥାନା ପକ୍ଷରୁ ନୋଟିସ୍ କରାଯାଇଥିଲା । ଯଦି କୌଣସି ଡିଲର୍ ସିମ୍ ବିକ୍ରୟ ନିମନ୍ତେ ସରକାର ଜାରି କରିଥିବା ନିୟମାବଳୀକୁ ଉଲ୍ଲଙ୍ଘନ କରନ୍ତି, ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଥାନାୱାରୀ ନୋଟିସ୍ ଜାରି ହୋଇଥିଲା । ଅନ୍ୟପକ୍ଷରେ ଗ୍ରାହକଙ୍କ ଠାରୁ ଆଧାର, ଭୋଟର ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସର ହାର୍ଡକପିର ନକଲ ନିଆଯାଇ ସିମ୍ କାର୍ଡ ପ୍ରଦାନ କରାଯାଏ ଏବଂ ପରବର୍ତ୍ତି ସମୟରେ ଉକ୍ତ କାଗଜପତ୍ର ବ୍ୟବହାର କରି ଅସାଧୁ ଦୋକାନୀମାନେ ସଂଖ୍ୟାଧିକ ସିମ୍ କାର୍ଡ ଆକ୍ଟିଭେଟ୍ କରି ଥାଆନ୍ତି । କେତେକ ଅସାଧୁ ଦୋକାନୀ ସାଧାରଣ ଗ୍ରାହକଙ୍କ ଡକ୍ୟୁମେଣ୍ଟ୍ ହାସଲ କରି ପ୍ରି-ଆକ୍ଟିଭେଟ୍ ସିମ୍ କାରବାର କରୁଥିବା ଦେଖିବାକୁ ମିଳୁଛି । ଏସବୁ ଅପରାଧମୂଳକ କାର୍ଯ୍ୟକୁ ରୋକିବାକୁ ପୁଲିସ ଚେଷ୍ଟା କରୁନଥିବାରୁ ଏହି କାରବାର ଏବେ ବଢ଼ିବାରେ ଲାଗିଛି ।

ପ୍ରତ୍ୟେକ ଗ୍ରାହକମାନେ ସତର୍କତାର ସହିତ ନିଜର ବ୍ୟକ୍ତିଗତ ତଥ୍ୟ ସିମ୍ କାର୍ଡ କ୍ରୟ କରିବା ସମୟରେ ଦୋକାନୀଙ୍କ ନିକଟରେ ଦାଖଲ କରିବାକୁ ସାଇବର ପୁଲିସ ପକ୍ଷରୁ ସଚେତନ କରାଯାଉଛି । କେବଳ କମ୍ପାନୀର କ୍ଷମତାପ୍ରାପ୍ତ ରିଟେଲ୍ ଷ୍ଟୋରରୁ ସିମ୍ କ୍ରୟ କରିବା ନିରାପଦ । ଏ ସମ୍ପର୍କରେ ସାଇବର ଥାନା ପକ୍ଷରୁ କୁହାଯାଇଛି ଯେ, ପ୍ରଥମ ପର୍ଯ୍ୟାୟରେ ସିମ୍ ଡିଲର୍‌ଙ୍କ କାଗଜପତ୍ର ଯାଞ୍ଚ କରାଯାଇଥିଲା । ଗ୍ରାହକମାନେ ଏ କ୍ଷେତ୍ରରେ ସେଚତନ ହେବା ଆବଶ୍ୟକ । କୌଣସି ରିଟେଲ୍‌ର ପାଖରୁ ସିମ୍ କାର୍ଡ କ୍ରୟ କରୁଥିଲେ ସେମାନଙ୍କ ରସିଦ୍ ଓ ଠିକଣା ନିଜ ପାଖରେ ରଖିବା ଉଚିତ । ଏବେ ପ୍ରି-ଆକ୍ଟିଭେଟ୍ ସିମ୍ କାରବାର ବଢୁଥିବାରୁ ସାଧାରଣ ଗ୍ରାହକମାନେ ଏ କ୍ଷେତ୍ରରେ ଅବଗତ ହେବା ଜରୁରୀ । ସାଧାରଣ ଗ୍ରାହକଟିଏ ଆବଶ୍ୟକୀୟ ଡକ୍ୟୁମେଣ୍ଟ୍ ଦାଖଲ କରି ସିମ୍ କ୍ରୟ କରୁଛି । ପରବର୍ତ୍ତି ସମୟରେ ଉକ୍ତ ଗ୍ରାହକଙ୍କ ନାମରେ ବିଭିନ୍ନ କମ୍ପାନୀର ମାଳ ମାଳ ସିମ୍ କାର୍ଡକୁ ଆକ୍ଟିଭେଟ୍ କରାଇ ବିଭିନ୍ନ ଅସାଧୁ କାରବାରରେ ବ୍ୟବହାର କରାଯାଉଛି । ଗ୍ରାହକ ଜଣକ ଏସବୁ କାରସାଦୀ ବୁଝିବା ପୂର୍ବରୁ ପୁଲିସ ଆଗରେ ସେ ଅଭିଯୁକ୍ତ ପାଲଟି ଯାଉଛି । ଏ ସମସ୍ୟାକୁ ଦୃଷ୍ଟିରେ ରଖି ପୁଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି ।



**ଗାଇଡ୍ ଲାଇନ୍ ଅବମାନନା କଲେ ୧୦ ଲକ୍ଷ ଟଙ୍କା ଜରିମାନା କରିବାକୁ ହୋଇଥିଲା ନିଷ୍ପତ୍ତି**

# ରାଜ୍ୟରେ ବଢୁଛି ସ୍ୱଚ୍ଛପଟ୍ଟଳ ସଂଗ୍ରହ



**ଦୃଷ୍ଟିହୀନଙ୍କ ହିତରେ କାର୍ଯ୍ୟ କରୁଛି 'ଦୃଷ୍ଟିଦାନ'**

**ଏସ୍‌ସିବି ସହ ଏମଓୟୁ ବଦଳିଲେ ବୃଦ୍ଧି ପାଆନ୍ତା ଉପକୃତଙ୍କ ସଂଖ୍ୟା**

**କଟକ, ୩୦।୬(ସମିସ):** ଜଣେ ଦୃଷ୍ଟିହୀନ ପୁଣି ଥରେ ଏ ଦୁନିଆକୁ ସ୍ୱଚକ୍ଷୁରେ କିପରି ଦେଖିପାରିବ, ସେ ଦିଗରେ ଚିନ୍ତା କରୁଛି ସାମାଜିକ ସଙ୍ଗଠନ "ଦୃଷ୍ଟିଦାନ" । ବିଗତ କିଛି ବର୍ଷ ହେବ ସଙ୍ଗଠନର ସଦସ୍ୟମାନେ ନିରନ୍ତର ଭାବେ କାର୍ଯ୍ୟ କରି ଚାଲିଛନ୍ତି । ମୃତ ବ୍ୟକ୍ତି ଚକ୍ଷୁରୁ କିପରି ସ୍ୱଚ୍ଛପଟ୍ଟଳ ସଂଗ୍ରହ ହେବ ଏବଂ ଏହା ଜଣେ ଦୃଷ୍ଟିହୀନର ଆଖିରେ ପ୍ରତିରୋପଣ କରାଯିବ ସେ ଦିଗରେ ଉଦ୍ୟମ କରାଯାଉଛି । ଏହି ପରିପ୍ରେକ୍ଷୀରେ ଜଣାପଡ଼ିଛି ଯେ, ରାଜ୍ୟରେ କ୍ରମଶଃ ସ୍ୱଚ୍ଛପଟ୍ଟଳ ସଂଗ୍ରହ ବୃଦ୍ଧି ପାଉଛି । ଦୃଷ୍ଟିଦାନ ସଙ୍ଗଠନ ସଦସ୍ୟଙ୍କ ପ୍ରଚେଷ୍ଟା ବ୍ୟତୀତ ଅନେକ ମୃତକଙ୍କ ସମ୍ପର୍କୀୟ ମୃତ ବ୍ୟକ୍ତିର ସ୍ୱଚ୍ଛପଟ୍ଟଳ ଦାନ କରିବାକୁ ଇଚ୍ଛା ପ୍ରକଟ କରୁଛନ୍ତି । ଗତ ୩ବର୍ଷରେ ସ୍ୱଚ୍ଛପଟ୍ଟଳ ସଂଗ୍ରହ ଦୁଇଗୁଣା ହୋଇଛି । ତେବେ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ ଏକ ଏମଓୟୁ ସ୍ୱାକ୍ଷର ଦ୍ୱାରା ସ୍ୱଚ୍ଛପଟ୍ଟଳ ସଂଗ୍ରହକୁ ସୀମିତ ରଖି ଦେଇଛନ୍ତି । ଏମଓୟୁରେ ପରିବର୍ତ୍ତନ ଅଣାଗଲେ ସ୍ୱଚ୍ଛପଟ୍ଟଳ ସଂଗ୍ରହ ଆହୁରି ବୃଦ୍ଧି ପାଇବ ବୋଲି କୁହାଯାଉଛି ।

ଦୃଷ୍ଟିଦାନ ସଙ୍ଗଠନ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଗତବର୍ଷ ଅର୍ଥାତ ୨୦୨୩ରେ ମୋଟ୍ ୨ହଜାର ୧୦୧ଟି ସ୍ୱଚ୍ଛପଟ୍ଟଳ ସଂଗ୍ରହ କରାଯାଇଥିଲା । ଏଥି ଭିତରୁ ୯୭ ସଂଖ୍ୟକ ସ୍ୱଚ୍ଛପଟ୍ଟଳ, ସମ୍ପର୍କୀୟମାନେ ସ୍ୱଇଚ୍ଛାରେ ମୃତ ବ୍ୟକ୍ତିର ଦାନ କରିଥିଲେ । ଅବଶିଷ୍ଟ ୨ହଜାର ୪ଟି ସ୍ୱଚ୍ଛପଟ୍ଟଳ ସଙ୍ଗଠନ ସଦସ୍ୟଙ୍କ ଦ୍ୱାରା ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କୁ ବୁଝାସୁଝା କରି ସଂଗ୍ରହ କରାଯାଇଛି । ୧୮୩୮ ସ୍ୱଚ୍ଛପଟ୍ଟଳ ଦୃଷ୍ଟିହୀନଙ୍କ ଚକ୍ଷୁରେ ପ୍ରତିରୋପଣ କରାଯାଇଥିବା ବେଳେ ଅବଶିଷ୍ଟ ଏକାଧିକ କାରଣରୁ ନଷ୍ଟ ହୋଇଛି । ସେହିପରି ୨୦୨୨ରେ ୧୮୧୩ଟି ସ୍ୱଚ୍ଛପଟ୍ଟଳ ସଂଗ୍ରହ କରାଯାଇଥିଲା । ସ୍ୱଇଚ୍ଛାରେ ୧୭୨ଟି ଦାନ ହୋଇଥିବା ବେଳେ ସଙ୍ଗଠନ ସଦସ୍ୟ ସଂଗ୍ରହ କରିଥିଲେ ୯୮୪ ସଂଖ୍ୟକ । ଏହା ଭିତରୁ ୧୫୯୮ଟି ପ୍ରତିରୋପଣ ହୋଇଥିଲା । ୨୦୨୧ରେ ମୋଟ୍ ୧୦୭୪ ସ୍ୱଚ୍ଛପଟ୍ଟଳ ସଂଗ୍ରହ କରାଯାଇଥିଲା । ଦାନ ସ୍ୱରୂପ ୯୦ଟି ମିଳିଥିବା ବେଳେ ସଙ୍ଗଠନ ସଦସ୍ୟ ସଂଗ୍ରହ କରିଥିଲେ ୯୮୪ଟି । ଏଥି ମଧ୍ୟରୁ ୮୨୯ଟି ଦୃଷ୍ଟିହୀନଙ୍କ ଚକ୍ଷୁରେ ପ୍ରତିରୋପଣ କରାଯାଇଛି । ତେବେ ସମଗ୍ର ରାଜ୍ୟରେ ଦିନକୁ ଦିନ ସ୍ୱଚ୍ଛପଟ୍ଟଳ ଦାନ ସଂଖ୍ୟା ବଢ଼ିବାରେ ଲାଗିଛି । ଏହାକୁ ସଂଗ୍ରହ କରାଯାଇ ଭୁବନେଶ୍ୱରର ଚକ୍ଷୁବ୍ୟାଙ୍କରେ ରଖାଯାଉଛି ।

ପ୍ରତିରୋପଣ ନହୋଇ କିଛି ସ୍ୱଚ୍ଛପଟ୍ଟଳ ନଷ୍ଟ ହେବାର କାରଣ ସଂକ୍ରାନ୍ତରେ ସଙ୍ଗଠନର କାଉନସେଲର ତଥା ଟେକ୍ନିସିଆନ ବିଜୟ ବଳ କୁହନ୍ତି ଯେ, ସ୍ୱଚ୍ଛପଟ୍ଟଳ ସଂଗ୍ରହ କରାଯିବା ବେଳେ ମୃତ ବ୍ୟକ୍ତିର ଶରୀରରୁ ଦୁଇ ମିଲିଲିଟର ରକ୍ତ ସଂଗୃହୀତ ହୁଏ । ଏଚ୍‌ଆଇଭି, ଏଚ୍‌ବିଏସ୍‌ଏବି, ଏଚସିଭି ଏବଂ ଭିଡିଆରଏଲ ପରୀକ୍ଷା କରାଯାଏ । ଉପରୋକ୍ତ ଚାରୋଟି ଭିତରୁ କୌଣସି ଗୋଟିଏ ପରୀକ୍ଷାରେ ପଜିଟିଭ ଚିହ୍ନଟ ହେଲେ ଉକ୍ତ ସ୍ୱଚ୍ଛପଟ୍ଟଳ ବ୍ୟବହାର ହୋଇ ପାରେନାହିଁ । ଏଭଳି ପ୍ରକ୍ରିୟାରେ କିଛି ସ୍ୱଚ୍ଛପଟ୍ଟଳ ନଷ୍ଟ ହେଉଛି । ସେ ଏହା ମଧ୍ୟ କହିଥିଲେ ଯେ, ମୃତ୍ୟୁ ବରଣ କରିବାର ୬ରୁ ୮ ଘଣ୍ଟା ଭିତରେ ସ୍ୱଚ୍ଛପଟ୍ଟଳ ସଂଗ୍ରହ କରାଯାଏ । ଜେଣ୍ଟାମାଇସିନ ସଲ୍ୟୁସନ ବ୍ୟବହାର କରାଯାଇ ଏହାକୁ ରଖାଯାଏ । ୯୬ ଘଣ୍ଟା ଭିତରେ ଦୃଷ୍ଟିହୀନ ଚକ୍ଷୁରେ ପ୍ରତିରୋପଣ ହୁଏ । କିଛି ସ୍ୱତନ୍ତ୍ର ପ୍ରକ୍ରିୟା ବ୍ୟବହାର ଦ୍ୱାରା ସ୍ୱଚ୍ଛପଟ୍ଟଳ ୨୧ ଦିନ ପର୍ଯ୍ୟନ୍ତ ସୁରକ୍ଷିତ ରଖାଯାଇ ପାରେ ବୋଲି ସେ କହିଛନ୍ତି ।

ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲରେ ଦୃଷ୍ଟିଦାନ ସଙ୍ଗଠନ ସଫଳତାର ସହ କାର୍ଯ୍ୟ କରୁଛି । ତେବେ ଏସ୍‌ସିବି ମେଡିକାଲରେ କ୍ରମଶଃ ସ୍ୱଚ୍ଛପଟ୍ଟଳ ସଂଗ୍ରହ କମିବାରେ ଲାଗିଛି । ଏହାର କାରଣ, ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ ସଙ୍ଗଠନ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି । ଯେଉଁଥିରେ ଉଲ୍ଲେଖ କରାଯାଇଛି ଯେ କେବଳ ଶବ ବ୍ୟବଚ୍ଛେଦ ଗୃହ ନିକଟରେ ସଙ୍ଗଠନର ସଦସ୍ୟ ଉପସ୍ଥିତ ରହି ଲୋକଙ୍କୁ ଚକ୍ଷୁଦାନ ସଂକ୍ରାନ୍ତରେ ସଚେତନ କରାଇବେ । ଯଦ୍ୱାରା ସଙ୍ଗଠନର ସଦସ୍ୟ ବିଭିନ୍ନ ୱାର୍ଡରେ ପ୍ରବେଶ କରି ପାରୁନାହାନ୍ତି, କିମ୍ବା ସେଠାରେ ମୃତ୍ୟୁ ବରଣ କରୁଥିବା ଲୋକଙ୍କ ସମ୍ପର୍କୀୟଙ୍କୁ ବୁଝାସୁଝା କରିବାକୁ ସୁଯୋଗ ପାଉନାହାନ୍ତି । ଏଣୁ ଚୁକ୍ତିନାମାରେ ପରିବର୍ତ୍ତନ ଅଣାଗଲେ ସ୍ୱଚ୍ଛପଟ୍ଟଳ ସଂଗ୍ରହ ଆହୁରି ବୃଦ୍ଧି ପାଇବା ସହ ଅନେକ ଦୃଷ୍ଟିହୀନ ଦୃଷ୍ଟିଶକ୍ତି ଫେରି ପାଆନ୍ତେ ବୋଲି କୁହାଯାଇଛି ।

# କଟକରେ ବୈଷ୍ଣବ ସମ୍ମିଳନୀ ଉଦ୍‌ଯାପିତ



**କଟକ, ୩୦।୬(ସମିସ):** ସଚ୍ଚିଦାନନ୍ଦ ମଠ ଗୌଡୀୟ ମିଶନ ପକ୍ଷରୁ ତୁଳସୀପୁର ସ୍ଥିତ ସାରଳା ଭବନ ଠାରେ ଆଜି ଶ୍ରୀଳ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କର ୧୫୦ତମ ଜନ୍ମ ମହୋତ୍ସବ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବ ତିନିଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିଲା । ଆଜି ସାରଳା ଭବନ ଠାରେ ମହୋତ୍ସବର ଉଦ୍‌ଯାପନୀ ଦିବସରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ । ଉଦ୍‌ଯାପନୀ ଦିବସରେ ପ୍ରଭୁପାଦଙ୍କର ଜୀବନୀଚରିତ ସମ୍ବନ୍ଧିତ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା । ଏଥି ସହିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନାଚକ୍ରରେ ବହୁ ସାଧୁସନ୍ଥ ଯୋଗଦେଇ ପ୍ରଭୁପାଦଙ୍କର ମାର୍ଗଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୌଡୀୟ ମିଶନର ସଭାପତି ଭକ୍ତିସୁନ୍ଦର ସନ୍ୟାସୀ ଗୋସ୍ୱାମୀ ମହାରାଜ, ଭକ୍ତିବଲ୍ଲଭ ମହାରାଜ, ଭକ୍ତିବିବେକ ମଧୁସୂଦନ ମହାରାଜ, ଭକ୍ତିରକ୍ଷକ ତ୍ରିବିକ୍ରମ ମହାରାଜ ପ୍ରମୁଖ ଯୋଗଦେଇ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ଭାଗବତ ଧର୍ମ ତଥା ଶିକ୍ଷାନୀତି ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ଉଦ୍‌ଯାପନୀ ଦିବସରେ ଜଷ୍ଟିସ ଶଶିକାନ୍ତ ମିଶ୍ର ଅତିଥି ଭାବରେ ଯୋଗଦେଇଥିଲେ । ବାଉଁଶଗଳି ସ୍ଥିତ ସଚ୍ଚିଦାନନ୍ଦ ମଠର ପରିଚାଳନା କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

**ଯୋଗଦେଲେ ବାଚସ୍ପତି ସୁରମା ପାଢ଼ୀ**

## ପ୍ରଫେସର ମନୋରଞ୍ଜନ ଦାସ ସମ୍ମାନିତ



**କଟକ, ୩୦।୬(ସମିସ):** ନୂଆଦିଲ୍ଲୀରେ ଇକୋନୋମିକ୍ସ ଟାଇମ୍ସ ପକ୍ଷରୁ ଡାକ୍ତର ଦିବସ ପାଳନ କରାଯାଇଥିଲା । ଏସ୍‌ସିବି ରେସିପେରୋଟୋରୀ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ମନୋରଞ୍ଜନ ଦାସଙ୍କୁ ଭାରତର 'ପ୍ରେରଣାଦାୟୀ ରେସିପେରୋଟୋରୀ ମେଡିସିନ୍ ଚିକିତ୍ସକ' ସମ୍ମାନରେ ସମ୍ମାନିତ କରାଯାଇଛି । ଏଭଳି ମର୍ଯ୍ୟାଦାଜନକ ସମ୍ମାନ ହାସଲ କରିବା କ୍ଷେତ୍ରରେ ପ୍ରଫେସର ମନୋରଞ୍ଜନ ହେଉଛନ୍ତି ଭାରତର କନିଷ୍ଠ ପ୍ରଫେସର । ସମ୍ମାନ ହାସଲ କରିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି ।

## 'ପାର୍କିଂ ଚିହ୍ନଟ କର, ପରେ ଫାଇନ ଆଦାୟ କର'

**କଟକ, ୩୦।୬(ସମିସ):** ସମ୍ପ୍ରତି କଟକ ସହରରେ ପ୍ରଶାସନ ପକ୍ଷରୁ କେତେକ ଜାଗାକୁ ନୋ-ପାର୍କିଂ ଘୋଷଣା କରାଯାଇଛି । ଅର୍ଥାତ ସେହି ସବୁ ସ୍ଥାନରେ ଗାଡିମଟର ରଖିଲେ ପ୍ରଶାସନ ପକ୍ଷରୁ ମୋଟା ଅଙ୍କର ଫାଇନ ଆଦାୟ କରାଯାଉଛି । କଟକ ସହରରେ ଯେଉଁ ୧୯ଟି ନୋ-ପାର୍କିଂ ଜୋନ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି । ପ୍ରାୟ ସେ ସବୁ ସ୍ଥାନ ଅତ୍ୟାବଶ୍ୟକ ଚଳଣୀ ସ୍ଥାନ ହୋଇଥିବାରୁ ପ୍ରତ୍ୟେହ ବହୁ ଲୋକ ସେ ସବୁ ସ୍ଥାନକୁ ଯାଇଥାନ୍ତି, ମାତ୍ର ସେସବୁ ସ୍ଥାନରେ ପ୍ରଶାସନ ପକ୍ଷରୁ ଗାଡି ପାର୍କିଂ ପାଇଁ ନିର୍ଦ୍ଦିଷ୍ଟ ଜାଗା ଚିହ୍ନଟ ହୋଇ ନ ଥିବାରୁ ଲୋକେ ବାଧ ହୋଇ ଗାଡି ରଖି ମୋଟା ଅଙ୍କର ଫାଇନ ଗଣୁଛନ୍ତି । ପ୍ରଶାସନ ଯାନବାହନ ଯାତାୟତର ସୁବିଧା ଦୃଷ୍ଟିରୁ ନିୟମ କାନୁନ ଲାଗୁ କରୁଛନ୍ତି ଠିକ ଅଛି । ମାତ୍ର ଫାଇନ ଆଦାୟ କଡାକଡି କରିବା ଦ୍ୱାରା ଲୋକେ ବଡ ଭୟଭିତ ଅଛନ୍ତି । ପାର୍କିଂର ବ୍ୟବସ୍ଥା ନ କରି ଫାଇନ ଆଦାୟ କରିବା ଏକ ଜୁଲମ ସଦୃଶ । ସର୍ବ ପ୍ରଥମେ ଗାଡି ମଟର ରଖିବା ପାଇଁ ପର୍ଯ୍ୟାପ୍ତ ଭାବେ ପାର୍କିଂ-ଜୋନ ଚିହ୍ନଟ କରାଯାଉ ଓ ତାପରେ ଯିଏ ନୋ-ପାର୍କିଂ ଜୋନରେ ଗାଡି ରଖୁଛନ୍ତି ଫାଇନ କଟାଯାଉ ବୋଲି ଦାବି କରିଛନ୍ତି କଟକ ନଗର(ଜିଲ୍ଲା) କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା ।




# ଦୁର୍ଘଟଣାରେ ମା' ମୃତ, ଅଳ୍ପକେ ବର୍ତ୍ତିଲେ ଦୁଇ ଶିଶୁ

ଟାଙ୍ଗୀ, ୩୦।୬(ସମିସ)



ରବିବାର ଅପରାହ୍ନରେ କଟକ ଜିଲ୍ଲା ଟାଙ୍ଗୀ ଥାନା ତଥା ଟାଙ୍ଗୀ-ହରିପୁର ରାସ୍ତାର ଓସିଏମ୍ ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଘଟଣାସ୍ଥଳରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ସାଙ୍ଗରେ ଥିବା ଦୁଇ ଶିଶୁ ସୌଭାଗ୍ୟବଶତଃ ବର୍ତ୍ତି ଯାଇଛନ୍ତି। ସେମାନଙ୍କ ଦେହ ଓ

**● କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ**

ମୁଣ୍ଡରେ ଆଘାତ ଲାଗିଥିବାରୁ ଦୁହିଁଙ୍କୁ ଚିକିତ୍ସା ନିମନ୍ତେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇଥିବା ଭ୍ୟାନ୍ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ମାଡ଼ିଯାଇଥିବାବେଳେ ଉତ୍ତ୍ୟକ୍ତ ଲୋକେ ଚାଳକକୁ ଧରି ନିସ୍ତୁକ ପିଟିଛନ୍ତି। ଟାଙ୍ଗୀ ପୁଲିସ ପହଞ୍ଚି ବହୁ କଷ୍ଟରେ ଚାଳକକୁ ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ଉଦ୍ଧାର ପୂର୍ବକ ନିଜ ହେପାଜତରେ ରଖିଛି। ସେହିପରି କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିବାରୁ କିଛି ସମୟ ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଘଟଣାସ୍ଥଳରେ ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଓ ଟାଙ୍ଗୀ ଆଇଆଇସି ସମରେନ୍ଦ୍ର ପାଇକରାୟ ପହଞ୍ଚି ରେଡ଼କ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ ପରେ ରାସ୍ତାରୋକ ହଟିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପ୍ରେରଣ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର କଇନ ବାଇଙ୍କ ପତ୍ନୀ ଚୁନି(୩୫) ନିଜର ନାବାଳକ ଝିଅ ଓ ପୁଅ ସହ ଚାଲିଚାଲି ଆସୁଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ୪୦୭ ଭ୍ୟାନ ପଛପଟୁ ଧକ୍କାଦେଇ ଚୁନିଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସାଙ୍ଗରେ ଥିବା ପୁଅ ଝିଅ ଦୁଇ ଜଣ ଆହତ ହେବା ସହ ଅଳ୍ପକେ ବର୍ତ୍ତିଯାଇଥିଲେ। ଉକ୍ତ ଘଟଣାକୁ କେନ୍ଦ୍ରକରି ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ପହଞ୍ଚି ମୃତକ ପରିବାରକୁ ସମବେଦନା ଜଣାଇବା ସହ ଆବଶ୍ୟକ ସହାୟତା ଯୋଗାଇବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ।

# ମଦ୍ୟପ ପୁଲିସ କର୍ମଚାରୀଙ୍କ କାର୍ ଧକ୍କାରେ ୩ ଗୁରୁତର



**ତ୍ରିଶୂଳିଆ, ୩୦।୬(ସମିସ):** କାର ଚଳାଉଥିବା ବେଳେ ଦୁଇଟି ମୋଟର ସାଇକଲକୁ ଧକ୍କା ଦେଲେ ମଦ୍ୟପ ପୁଲିସ କର୍ମଚାରୀ। ଦୁର୍ଘଟଣାରେ ଦୁଇଟି ମୋଟର ସାଇକଲରେ ଥିବା ତିନିଜଣ ଗୁରୁତର ହୋଇଥିବା ବେଳେ ସମସ୍ତଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ନରାଜ ଆନିକଟ ନିକଟରେ ରବିବାର ଅପରାହ୍ନ ୪ଟା ସମୟରେ ଜଣେ ମଦ୍ୟପ ପୁଲିସ କାର ଚାଳକ ନରାଜ ପଟୁ ସିଡ଼ିଏ ଅଭିମୁଖେ ଯାଉଥିବା ବେଳେ ସାମ୍ନାରୁ ଆସୁଥିବା ଗୋଟିଏ ମୋଟର ସାଇକଲକୁ ପ୍ରଥମେ ଧକ୍କା ଦେଇଥିଲା ପରେ ଆଉ ଗୋଟିଏ ମୋଟର ସାଇକଲକୁ ଧକ୍କାଦେଇ କିଛି ବାଟ ଘୋଷାଡ଼ି ନେଇଥିଲା। କାରଟିର ବେଗ ଏତେ ଅଧିକ ଥିଲା ଯେ ଚାଳକ ଜଣକ ନିଶାସକ୍ତ ଅବସ୍ଥାରେ ଭାରସାମ୍ୟ ହରାଇ ବିପରୀତ ଦିଗରୁ ମୋଟର ସାଇକଲକୁ ଧକ୍କା ଦେଇଥିଲା। କାରଟି ଧକ୍କା ଦେବା ଫଳରେ ଦୁଇଟି ମୋଟର ସାଇକଲ ଭାଙ୍ଗି ଚୁରମାର ହୋଇଯାଇଥିବା ବେଳେ ମୋଟର ସାଇକଲରେ ଯାଉଥିବା ତିନିଜଣ ଯୁବକ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାରେ କାରର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗି ଯାଇ ଚାଳକ ଜଣକ ମଧ୍ୟ ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ମଦ୍ୟପ ଗାଡ଼ି ଚାଳକଙ୍କୁ ଅଟକ ରଖି ତିନି ଗୁରୁତରଙ୍କୁ ଡାକ୍ତରଖାନା ପଠାଇଥିଲେ। ପୁଲିସ ପହଞ୍ଚିବା ପରେ ମଦ୍ୟପ କାର ଚାଳକଙ୍କ ସମେତ କାରରେ ଥିବା ଅନ୍ୟ ଦୁଇ ଜଣଙ୍କୁ ପୁଲିସର ଜିମା ଦେଇଥିଲେ ସ୍ଥାନୀୟ ଲୋକେ। ସେପଟେ ଗୁରୁତର ଆହତ ହୋଇଥିବା ଲୋକମାନଙ୍କ ପରିଚୟ ମିଳି ନ ଥିବା ବେଳେ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଗାଡ଼ି ଚାଳକ ଜଣକ ଜଣେ ପୁଲିସ କର୍ମଚାରୀ ବୋଲି ସୂଚନା ମିଳିଛି। ଦୁର୍ଘଟଣା ପରେ କାରରୁ ତାଙ୍କର ପୁଲିସ ପରିଚୟ ପତ୍ରକୁ ମିଳିବା ସହ କାର ଭିତରେ ମଦ ବୋତଲ ଆଦି ରଖାଯାଇଥିବା ଦେଖିବାକୁ ମିଳିଛି।

**■ ସେବା ସମବାୟ ସମିତିରେ ଦୁର୍ନୀତି ଅଭିଯୋଗ**

# ପକ୍ଷ ରଖିଲେ ସମିତି ସଭାପତି

**ଟାଙ୍ଗୀ, ୩୦।୬(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ କୋଟସାହି ପ୍ରାଥମିକ ସେବା ସମବାୟ ସମିତିରେ ବ୍ୟାପକ ଦୁର୍ନୀତି ସଂକ୍ରାନ୍ତ ଅଭିଯୋଗକୁ କେନ୍ଦ୍ରକରି ଦୈନିକ 'ସକାଳ'ରେ ପ୍ରକାଶିତ ଖବର ଉପରେ ନିଜର ପକ୍ଷ ରଖିଛନ୍ତି ସମିତି ସଭାପତି ନିଳେନ୍ଦ୍ର କୁମାର ନାୟକ। ତାଙ୍କ କହିବା ଅନୁଯାୟୀ ଏହି ସମିତି ୧୯୬୨ ମସିହାରୁ ସ୍ଥାପିତ ହୋଇ ଆଜି ସୁଦ୍ଧା ସୂଚାରୁରୂପେ କାର୍ଯ୍ୟଧାରା ଜାରି ରଖିଛି। କୋଟସାହି ଓ ଉଜପଦା ପଞ୍ଚାୟତର ଚାଷୀଙ୍କୁ ନେଇ ଗଠିତ ଏହି ସମିତି ସରକାରଙ୍କ ଧାର୍ଯ୍ୟ ନୀତି ପାଳନ ପୂର୍ବକ ଧାନ ସଂଗ୍ରହ ଓ ଋଣ ପ୍ରଦାନ କ୍ଷେତ୍ରରେ ସୁନାମ ଅର୍ଜନ କରିଛି। ମାତ୍ର ସମିତିର ନିର୍ଦ୍ଦେଶକ ଥିବା ଅମୂଲ୍ୟ ସାହୁ ଦୁର୍ନୀତି ଅଭିଯୋଗ ଆଣି ପ୍ରଶାସନର ଦ୍ୱାରସ୍ଥ ହୋଇଥିବାବେଳେ ତଦନ୍ତରେ ସହଯୋଗ କରୁନାହାଁନ୍ତି। ଏହାଦ୍ୱାରା ସମିତି ବଦନାମ ହେଉଛି ବୋଲି ଶ୍ରୀ ନାୟକ କ୍ଷୋଭ ପ୍ରକାଶ କରିଛନ୍ତି। ସେହିପରି ଉପସଭାନେତ୍ରୀ ଗୀତାଞ୍ଜଳି ଦାସ, ନିର୍ଦ୍ଦେଶକ ପଞ୍ଚାନନ ସାମଲ, ଦେବରାଜ ବରାଳ, କୈଳାସ ନାୟକ, ଅନିରୁଦ୍ଧ ମୁଦୁଲି, କପିଳେଶ୍ୱର ସାହୁ, ଭଗବାନ ଦାସ ଓ ବୈକୁଣ୍ଠ ମହାନ୍ତି ପ୍ରମୁଖ ଦୁର୍ନୀତି ଅଭିଯୋଗକୁ ଖଣ୍ଡନ କରିବା ସହ ତଦନ୍ତର ସାମ୍ନା କରିବେ ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ପ୍ରକାଶଥାଉକି ସମବାୟ ସମିତିରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ସଂକ୍ରାନ୍ତରେ ସମିତି ନିର୍ଦ୍ଦେଶକ ତଥା ପ୍ରାକ୍ତନ ସରପଞ୍ଚ ଅମୂଲ୍ୟ କୁମାର ସାହୁ ଗତ ୨୫ ତାରିଖରେ ଅତିରିକ୍ତ ବିଡିଓ ଶାଶ୍ୱତ କୁମାର ଜେନାଙ୍କ ଦୃଷ୍ଟି ଆକର୍ଷଣ ପୂର୍ବକ ତଦନ୍ତ ଦାବି କରିଥିଲେ। ଉକ୍ତ ଖବର ୨୬ ତାରିଖ 'ସକାଳ'ରେ ପ୍ରକାଶିତ ହୋଇଥିଲା।

# ଗୀତିକବି କ୍ଷୀରୋଦଚନ୍ଦ୍ର ପୋଥାଳଙ୍କ ଜୟନ୍ତୀ



**ମାହାଙ୍ଗା, ୩୦।୬(ସମିସ):** ମାହାଙ୍ଗା ସାହିତ୍ୟ ସମାଜ ଓ ଦ୍ୱିତୀୟଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦର ମିଳିତ ଆନୁକୂଲ୍ୟରେ ଗୋପାଳପୁର ସ୍ଥିତ ପଲ୍ଲୀ ସାଂସ୍କୃତିକ ସାମ୍ମୁଖ୍ୟ ପରିସରରେ ଶିଶୁ ସାହିତ୍ୟିକ, ଗୀତିକାର କ୍ଷୀରୋଦ ଚନ୍ଦ୍ର ପୋଥାଳଙ୍କର ୮୬ତମ ଜୟନ୍ତୀ ଔପନ୍ୟାସିକା ବିଦ୍ୟୁଲତା ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବକୁ ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ ଉଦଘାଟନ କରିଥିଲେ। ପ୍ରଥମେ ମଞ୍ଚାସୀନ ଅତିଥିବୃନ୍ଦ ଶ୍ରୀ ପୋଥାଳଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ଦ୍ୱିତୀୟ ଭଞ୍ଜ ସଙ୍ଗୀତ କଳା ନିକେତନର ଶିକ୍ଷକ ଓ ଛାତ୍ରଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସମ୍ପାଦକ ଗୌତମ ଚରଣ ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମାହାଙ୍ଗା ସାହିତ୍ୟ ସମାଜର ସଭାପତି ତଥା ମହିମାଧର୍ମ ଗବେଷକ, ପ୍ରକୃତି ମିତ୍ର ଡ. ଏକାଦଶୀ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରି ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ପ୍ରଫେସର ଭୁବନାନନ୍ଦ ସାହୁ, ମୁଖ୍ୟବକ୍ତା ସାହିତ୍ୟିକ ଡ. ଭାଗ୍ୟଧର ସାହୁ, ସମ୍ମାନୀତ ଅତିଥି ବିରୂପା ସାହିତ୍ୟ ସଂସଦ ସଭାପତି ନିରଞ୍ଜନ ଜେନା, ଅନ୍ୟତମ ସମ୍ମାନିତ ଅତିଥି ସାମ୍ବାଦିକ ବିଜୟ କୁଅଁର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମାହାଙ୍ଗା ସାହିତ୍ୟ ସମାଜ ତରଫରୁ ଶିଶୁ ସାହିତ୍ୟିକ ମହେନ୍ଦ୍ର କୁମାର ଘଡେଇଙ୍କୁ କ୍ଷୀରୋଦ ପୋଥାଳ ଶିଶୁ ସାହିତ୍ୟିକ ସ୍ମୃତି ସମ୍ମାନ- ୨୦୨୪ ଓ ସାହିତ୍ୟ ସଂଗଠକ ତଥା ସାହିତ୍ୟିକ ଗୌତମ ଚରଣ ଜେନାଙ୍କୁ ଉତ୍ତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ, ଦେଇ ମାହାଙ୍ଗା ସାହିତ୍ୟ ସଂଗଠକ ସମ୍ମାନ-୨୦୨୪ ପ୍ରଦାନ କରାଯାଇଥିଲା। କବି ବଟକୃଷ୍ଣ ନାଥ ଶର୍ମା, କବି ପ୍ରଫୁଲ୍ଲ କୁମାର ସିଂହ, ରାମଚନ୍ଦ୍ର ସାହୁ, ଦିଲ୍ଲୀପ କୁମାର ଗ୍ରହାଚାର୍ଯ୍ୟ ପ୍ରମୁଖ କବିତା ମାନ ପାଠ କରିଥିଲେ। ଶେଷରେ କଲ୍ଲୋଳ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବାବେଳେ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ମାନସ ପ୍ରଧାନ, ବିଚିତ୍ରାନନ୍ଦ ବିଶ୍ୱାଳ, ପ୍ରହଲ୍ଲାଦ ସେଠୀ ଓ ମନୋଜ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ଉତ୍ସବରେ ନିଶ୍ଚିନ୍ତକୋଇଲି, ମାହାଙ୍ଗା, ବଡଚଣା ବ୍ଲକର ବହୁ ସାରସ୍ୱତ ସାଧକମାନେ ଯୋଗଦେଇଥିଲେ।

# ନିଆଳି ମାଟିର ପୁଅ ଦିଲ୍ଲୀରେ ସମ୍ବର୍ଦ୍ଧିତ



**ନିଆଳି, ୩୦।୬(ସମିସ):** ଦିଲ୍ଲୀ ସ୍ଥିତ କସ୍ତୁରବା ଗାନ୍ଧୀ ମାର୍ଗସ୍ଥିତ ସିଭିଲ୍ ସର୍ଭିସ ଅଫିସର ଇନଷ୍ଟିଚ୍ୟୁଟ୍ ଠାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ନିଆଳି ମାଟିର ପୁଅ ସମାଜସେବୀ ସୌମିତ୍ର ଲେଙ୍କା ସମ୍ବର୍ଦ୍ଧିତ ହୋଇଥିବା ଜଣାଯାଇଛି। ଦିଲ୍ଲୀରେ ୱାର୍ଲ୍ଡ ଓଡ଼ିଶା ସୋସାଇଟି ପକ୍ଷରୁ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ଲେଙ୍କା କଟକ କଲ୍ୟାଣ ଫାଉଣ୍ଡେସନର ସଭାପତି ରହିଥିବା ବେଳେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥାନ୍ତି। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାରୀ କରୋନା ସମୟରେ ଶ୍ରୀ ଲେଙ୍କା ଜନସାଧାରଣଙ୍କ ସେବା କରିବା ସହ ନିଆଳି ଅଞ୍ଚଳରେ ବହୁ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କର ଏହି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୱାର୍ଲ୍ଡ ଓଡ଼ିଶା ସୋସାଇଟି ପକ୍ଷରୁ ତାଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୋସାଇଟିର ପ୍ରତିଷ୍ଠାତ୍ରୀ ଅରୁନ୍ଧତୀ ଦେବୀ, ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ଆୟୋଜକ କମିଟିର ଅଧ୍ୟକ୍ଷ ଅଜୟ ଅଗ୍ରୱାଲ୍‌ଙ୍କ ସମେତ ସମ୍ବାଦର ସମ୍ପାଦିକା ତନୟା ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍, ଜଗତ୍‌ସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ରାଜସ୍ଥାନର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଚନ୍ଦ୍ର ପ୍ରକାଶ ଯୋଗୀ, ବାଲେଶ୍ୱରର ସାଂସଦ ପ୍ରତାପ ଷଡ଼ଙ୍ଗୀ, ମୟୂରଭଞ୍ଜର ସାଂସଦ ନବଚରଣ ମାଝୀ, ବରଗଡ଼ର ସାଂସଦ ପ୍ରଦୀପ ପୁରୋହିତ, ନ୍ୟାସନ୍ୟାଲ୍ ସ୍କୁଲ୍ ଅଫ୍ ଡ୍ରାମାର ଚିତ୍ତରଞ୍ଜନ ତ୍ରିପାଠୀ, ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତିଭୂଷଣ କର ପ୍ରମୁଖ ଉପସ୍ଥିତ ଥିଲେ।

# ରେଳ ଅଣ୍ଡରପାସ ରାସ୍ତା ଜଳମଗ୍ନ

**ତ୍ରିଶୂଳିଆ, ୩୦।୬(ସମିସ):** ବାରଙ୍ଗ ବ୍ଲକ ଅନ୍ତର୍ଗତ କଣ୍ଟାପାଟଣା ଗ୍ରାମ ସ୍ଥିତ ରେଳ ଅଣ୍ଡରପାସ ରାସ୍ତାରେ ଜମୁଛି ବର୍ଷା ଜଳ। ସାମାନ୍ୟ ଅସରାଏ ବର୍ଷା ହେଲେ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ବର୍ଷାପାଣି ଜମି ରହୁଛି। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟତ କରୁଥିବା ପଥଚାରୀ, ବାଟୋଇ, ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀ ଏବଂ ଯାନବାହନ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନ ପୂର୍ବରୁ ମୌସୁମୀ ବର୍ଷାରେ ଯଦି ସ୍ଥିତି ଏଭଳି ରହୁଛି ତା'ହେଲେ ବର୍ଷା ଦିନେ ସ୍ଥିତି ଆହୁରି ଭୟଙ୍କର ହେବ ବୋଲି ଅଞ୍ଚଳବାସୀ ଚିନ୍ତା ପ୍ରକଟ କରିଛନ୍ତି। ବର୍ଷା ଜଳ ନିଷ୍କାସନ ପାଇଁ ଉକ୍ତ ସ୍ଥାନରେ ଜଳ ନିଷ୍କାସନର ବ୍ୟବସ୍ଥା କରାଯାଇଥିଲେ ସୁଦ୍ଧା ଧିରେ ଧିରେ ତାହା ପୋତି ହୋଇଗଲାଣି। ଏଥିପ୍ରତି କାହାର ନିଘା ରହୁନି। ଏହି ଅଣ୍ଡର ପାସ ଟି ରାସ୍ତା ଓ ଗୃହ ନିର୍ମାଣ ଅଧୀନରେ ରହିଥିବା ବେଳେ ସତେ ଯେମିତି କର୍ତ୍ତୃପକ୍ଷ ଏଥିପ୍ରତି ଆଖି ବୁଜି ଦେଇଛନ୍ତି। ତେବେ ବିଭାଗ ପକ୍ଷରୁ ଜମୁଥିବା ବର୍ଷା ଜଳ ନିଷ୍କାସନ ପାଇଁ ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି। ଯଦି ଲଗାଣ ବର୍ଷା ପୂର୍ବରୁ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ନ ହୁଏ ତେବେ ଆଗାମୀ ଦିନରେ ସ୍ଥାନୀୟ ଅଧିବାସୀ ପ୍ରଶାସନକୁ ଘେରିବେ ବୋଲି ଚେତାବନୀ ଦେଇଛନ୍ତି।



# ବ୍ୟାଙ୍କ ପରିଚାଳକଙ୍କୁ ଅବସର ସମ୍ବର୍ଦ୍ଧନା



**ଆଠଗଡ଼, ୩୦।୬(ସମିସ):** ଆଠଗଡ଼ ସ୍ଥିତ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଲକ୍ଷ୍ମୀଧର ପଣ୍ଡାଙ୍କୁ ବ୍ୟାଙ୍କ କର୍ମଚାରୀ, ବିଭିନ୍ନ ସେବା ସମବାୟ ସମିତି କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏଥିରେ ବ୍ୟାଙ୍କର ନିର୍ଦ୍ଦେଶକ ପ୍ରସନ୍ନ କୁମାର ସ୍ୱାଇଁ, ଅବସରପ୍ରାପ୍ତ ସମବାୟ ସମ୍ପ୍ରସାରଣ ଅଧିକାରୀ ହାଡିବନ୍ଧୁ ରଣା ବରିଷ୍ଠ ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ, ବିଷ୍ଣୁଚରଣ ଲେଙ୍କା ଆଦି ଯୋଗଦାନ କରି ଶ୍ରୀ ପଣ୍ଡା କର୍ତ୍ତବ୍ୟନିଷ୍ଠ ସରଳ, ଅମାୟିକ, ଭଦ୍ର, ନୀତିନିଷ୍ଠ ବ୍ୟକ୍ତି ବୋଲି ସମ୍ବୋଧନ କରିଥିଲେ। ଏହି ସମୟରେ ବ୍ୟାଙ୍କ ପରିସରରେ ଏକ ଭାବପ୍ରବଣତା ପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା।

# ମା' ଯାଗେଶ୍ୱରୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ଫୁଲନଖରା, ୩୦।୬(ସମିସ):** କଟକ ସଦର ଥାନା ଅନ୍ତର୍ଗତ ସଇନ୍ଧା ବାଲିସାହି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଯାଗେଶ୍ୱରୀଙ୍କ ପୀଠରେ ପ୍ରତିବର୍ଷ ପରି ଚଳିତବର୍ଷ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱର ମଙ୍ଗଳ ନିମନ୍ତେ ଅନୁଷ୍ଠିତ ଏହି ମହାଯଜ୍ଞ ଆଷାଢ଼ କୃଷ୍ଣପକ୍ଷ ଚତୁର୍ଥୀ ଠାରୁ ଆରମ୍ଭ ହୋଇ କଳସ ଶୋଭାଯାତ୍ରା, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଗୋପୂଜା, ଘୃତାହୂତି ଦିଆଯାଇ ସପ୍ତମୀ ତିଥିରେ ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା। ଉକ୍ତ ଯଜ୍ଞରେ ଗ୍ରାମବାସୀଙ୍କଠାରୁ ଆରମ୍ଭ କରି ଆଖପାଖ ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁ ଭକ୍ତ ଯୋଗଦାନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ପ୍ରତ୍ୟେହ ସଂଧ୍ୟାରେ ଓଡ଼ିଶୀ ସଂକୀର୍ତ୍ତନ, ବ୍ରହ୍ମଜ୍ଞାନ ଚର୍ଚ୍ଚା ଓ ଭଜନ ସଂଧ୍ୟା ଲୋକଙ୍କୁ ଆକୃଷ୍ଟ କରିଥିଲା। ଚାରିଦିନ ଧରି ଅନୁଷ୍ଠିତ ହେଉଥିବା ଏହି ମହାଯଜ୍ଞରେ ସଇନ୍ଧା ବାଲିସାହିର ଗ୍ରାମବାସୀମାନେ ପରିଚାଳନା କରିଥିବା ବେଳେ ଯୁବଗୋଷ୍ଠୀ ସହଯୋଗ କରିଥିଲେ।

# ଫାର୍ମାସିଷ୍ଟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଫୁଲନଖରା, ୩୦।୬(ସମିସ):** କଟକ ସଦର ଥାନା ଅନ୍ତର୍ଗତ ମହୀଧରପଡ଼ା ମେଡିକାଲରେ ଦୀର୍ଘ ବର୍ଷ ଧରି ଫାର୍ମାସିଷ୍ଟ ଭାବରେ କାର୍ଯ୍ୟରତ ଭରତଚନ୍ଦ୍ର ମଲ୍ଲିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେ ସେବା ମନୋବୃତ୍ତି ନେଇ କାର୍ଯ୍ୟ କରିବା ସହିତ ଜଣେ ଦରଦୀ ବନ୍ଧୁ ଭାବରେ ସମସ୍ତଙ୍କ ପାଖରେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କୁ ବହୁ ବୁଦ୍ଧିଜୀବୀ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କର ଅମାୟିକ ବ୍ୟକ୍ତିତ୍ୱ ଯୋଗୁ ମହୀଧରପଡ଼ା ୟୁନାଇଟେଡ୍ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୁବସମାଜସେବୀ କଳ୍ପତରୁ ଖୁଣ୍ଟିଆ, ସତ୍ୟଜିତ୍ ପାତ୍ର, ନିରଞ୍ଜନ ମହାନ୍ତି, ଅରୁଣ କୁମାର ସାହୁ, ଯତୀନ୍ଦ୍ର ମହାନ୍ତି, ବିଦ୍ୟାଧର ଓଝା, ରଶ୍ମିରଞ୍ଜନ ପଟ୍ଟାୟତ, ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ବିପଦସଙ୍କୁଳ ଅବସ୍ଥାରେ ବଡ଼ମ୍ବା ତହସିଲ ଅଫିସ

**● ବ୍ରିଟିଶ ଅମଳର କୋଠାର ସ୍ଥାୟିତ୍ୱ ନେଇ ପ୍ରଶ୍ନ**

**ବଡ଼ମ୍ବା, ୩୦।୬(ସମିସ):** ବଡ଼ମ୍ବା ତହସିଲ କାର୍ଯ୍ୟାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏହି ତହସିଲ କୋଠାଟି ରାଜା ରଜୁଡ଼ା ସମୟର। ସ୍ୱାଧୀନତା ପରେ ସାମ୍ବିଧାନିକ ପଦ୍ଧତି ଅନୁଯାୟୀ ଜମିଜମା ସଂକ୍ରାନ୍ତ ତହସିଲ କାର୍ଯ୍ୟାଳୟ ଆରମ୍ଭ ହୋଇଥିଲା। ବହୁ ପୁରୁଣା ଘର ହୋଇଥିବାରୁ କାଳକ୍ରମେ ଏହି ଘରଗୁଡ଼ିକ ଭାଙ୍ଗିଗଲାଣି। ଛାତରୁ ପାଣି ବୋହିବା ଦ୍ୱାରା କାନ୍ଥଗୁଡ଼ିକ ନଷ୍ଟ ହୋଇଆସିଲାଣି। ତହସିଲ କାର୍ଯ୍ୟାଳୟର ବିଭିନ୍ନ କାଗଜପତ୍ର ଉଈ ଲାଗି ନଷ୍ଟ ହେଉଛି।



କଟକ ନରସିଂହପୁର ମୁଖ୍ୟରାସ୍ତାକୁ ସଲଗ୍ନ ହୋଇ ଠିଆ ହୋଇଛି ଏହି ତହସିଲ କାର୍ଯ୍ୟାଳୟ। ଛାତ ଉପରେ ବର ଗଛ, ଓସ୍ତ ଗଛ ଓ ଅନାବନା ଗଛ ହୋଇଛି। ଆରଡି ବିଭାଗର ବେପରୁଆ ମନୋଭାବ ପାଇଁ ରାଜ ରାଜୁଡ଼ା ସମୟର ଘର ମାଟିରେ ମିଶିବାକୁ ବସିଲାଣି। ତହସିଲଦାରଙ୍କୁ ଏନେଇ ଯୋଗାଯୋଗ କରିବାରେ ସେ କହିଲେ, ବାରମ୍ବାର କହିବା ପରେ ବି ଆରଡି ବିଭାଗ କର୍ଣ୍ଣପାତ କରୁନାହିଁ। ଆରଡି ବିଭାଗର ଜେଇଙ୍କୁ ପଚାରିବାରେ ସେ କହିଲେ, କୋଭିଡ ପାଇଁ ୨ ବର୍ଷ ହେବ ଆର୍ଥିକ ଅନୁଦାନ ଆସିନାହିଁ। ଅନୁଦାନ ଆସିଲେ ପୁନରୁଦ୍ଧାର କାର୍ଯ୍ୟ କରାଯିବ। ସୂଚନାଥାଉକି, ଏହି ତହସିଲ ପରିସରର ସୌନ୍ଦର୍ଯ୍ୟକରଣ ପାଇଁ ୨୦୨୨/୨୦୨୩ ଆର୍ଥିକ ବର୍ଷରେ ୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏହାର ଉପଯୁକ୍ତ ବିନିଯୋଗ ହୋଇଛି କି ନାହିଁ ତାହା ତଦନ୍ତସାପେକ୍ଷ।

**ମେଡିକାଲ କ୍ୱାର୍ଟର ପାଲଟିଲାଣି ଭୂତକୋଠି**

# ନିର୍ମାଣ ପରଠାରୁ ବ୍ୟବହାର ଉପଯୋଗୀ ହୋଇପାରିନି

ମାହାଙ୍ଗା, ୩୦।୬(ସମିସ)



ଜନସାଧାରଣଙ୍କୁ ୨୪ ଘଣ୍ଟିଆ ତ୍ୱରିତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ନିକଟରେ ଡାକ୍ତର ଓ କର୍ମଚାରୀଙ୍କ ନିମନ୍ତେ ସରକାରୀ ଆବାସିକ ଗୃହ ଯୋଗାଇ ଦିଆଯାଇଛି। କୋଟି କୋଟି ଟଙ୍କା ସରକାରୀ ଅର୍ଥରେ ନିର୍ମିତ ଏହି କର୍ମଚାରୀ ଆବସିକ ଗୃହ ଅଧିକାଂଶ ସ୍ଥଳେ ଖାଲି ପଡ଼ିବା ସହ ଭୂତ କୋଠିରେ ପରିଣତ ହେଲାଣି। ସରକାରୀ ଡାକ୍ତରୀ ବାବୁମାନଙ୍କ ସହରୀ ପ୍ରୀତି ଓ ଘରୋଇ କ୍ଲିନିକ୍‌ରେ ରୋଗୀଦେଖା ନିଶା ଯୋଗୁ ଗ୍ରାମାଞ୍ଚଳରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସରକାରୀ ଆବସିକ ଗୃହରେ ରହୁ ନଥିବା ଅଭିଯୋଗ ହୋଇଛି। ଏପରି ଉଦାହରଣ ଦେଖିବାକୁ ମିଳିଛି ମାହାଙ୍ଗା ବ୍ଲକ ସଦର ମହକୁମା ଶ୍ରୀକୃଷ୍ଣପୁର ଉନ୍ନିତ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ।

ଦୀର୍ଘ ୭ ବର୍ଷରୁ ଅଧିକ ସମୟ ହେବ ଏହି ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ନିଯୁକ୍ତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ରହିବା ପାଇଁ ସରକାରଙ୍କ ପକ୍ଷରୁ ଆବସିକ ଗୃହ ନିର୍ମାଣ କରାଯାଇଥିଲା। ବିଭାଗୀୟ ମେଡିକାଲ ଅଧିକାରୀଙ୍କ ଅଣଦେଖା ଓ ସମ୍ପୃକ୍ତ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ଡାକ୍ତରଙ୍କ ଅନିଚ୍ଛା ଯୋଗୁ ଏହି ଗୃହ ନିର୍ମାଣ ହେବା ପରଠାରୁ ଖାଲି ରହିଛି। ଏହାର ରକ୍ଷଣାବେକ୍ଷଣ ଅଭାବରୁ ଏହା ଏବେ ଜରାଜୀର୍ଣ୍ଣ ହୋଇପଡ଼ିଛି। ଏହି ଗୃହକୁ ବ୍ୟବହାର କରା ନଯିବା ଓ ଜଗୁଆଳି ଅଭାବରୁ ଘରର ବିଦ୍ୟୁତ୍ ଯନ୍ତ୍ରାଂଶ ସମେତ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଗଲାଣି। ଏଥିପ୍ରତି ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ଡାକ୍ତର କିମ୍ବା ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୃଷ୍ଟି ଦେଉ ନଥିବା ଅଭିଯୋଗ୍ ହେଉଛି। ସରକାରଙ୍କ କୋଟି କୋଟି ଟଙ୍କା ମୂଲ୍ୟରେ ନିର୍ମାଣ ହୋଇଥିବା ଆବସିକ ଗୃହ କେଉଁ କାରଣ ଯୋଗୁ ଅଦ୍ୟାବଧି ବ୍ୟବହୃତ ହୋଇନାହିଁ ତାହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀ, ସଚିବ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦୃଷ୍ଟି ଦେଇ ଏହାକୁ ଉପଯୁକ୍ତ ଭାବେ କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ସଚେତନ ମହଲରେ ମତ ପ୍ରକାଶ ପାଇଛି।

# ସାଲେପୁର ବ୍ଲକ ଗାଁ ସାଥୀ ସଂଘର ବୈଠକ

**ସାଲେପୁର, ୩୦।୬(ସମିସ):** ସାଲେପୁର ବ୍ଲକ ଗାଁ ସାଥୀ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବିଶେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଂଘର ସଭାପତି ଭାବେ ଅଶୋକ ଜେନା, ଉପସଭାପତି ଅଶୋକ ଦାସ, ସଂଯୁକ୍ତା ସେଠୀ, ସଂପାଦକ ପ୍ରଶାନ୍ତ ସେଠୀ, ସହସଂପାଦକ ପତିତପାବନ ବାରିକ, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ଉପକୋଷାଧ୍ୟକ୍ଷ ଚିତ୍ରସେନ ପରିଡ଼ା, ସାଂଗଠନିକ ସଂପାଦକ ନନ୍ଦକିଶୋର ବେହେରା ଓ ସଂଘର କୋର କମିଟି ମେମ୍ବର ଭାବେ ସୁନିଲ ସାହୁ, ନାରାୟଣ ସାହୁ, ଦିବ୍ୟରଞ୍ଜନ ବେହେରା, ସୁଶାନ୍ତ ପ୍ରଧାନ, ସସ୍ମିତା ସାମଲ, ମୁସଲିମ ସାହା, ପ୍ରଶାନ୍ତ ମଲ୍ଲିକ, ଲକ୍ଷ୍ମୀପ୍ରିୟା ସାହୁ, ରଶ୍ମିରଞ୍ଜନ ଆଚାର୍ଯ୍ୟ, ମହେଶ୍ୱର ମଲ୍ଲିକ, ସ୍ୱର୍ଣ୍ଣପ୍ରଭା ବାରିକ, ଗୌତମ ପୃଷ୍ଟି, ହରେକୃଷ୍ଣ ସ୍ୱାଇଁ ପ୍ରମୁଖ ମନୋନୀତ ହୋଇଥିବାବେଳେ ଗାଁ ସାଥୀମାନଙ୍କୁ



ପ୍ରଶାସନ ମାସିକ ୧୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା, ମନରେଗା ଯୋଜନା ଅନ୍ତର୍ଗତ ସମସ୍ତ କାର୍ଯ୍ୟାଦେଶ ଗାଁ ସାଥୀଙ୍କ ନାମରେ କରିବା, ପଞ୍ଚାୟତ ମାନଙ୍କରେ ବେଆଇନ୍ ଗାଁ ସାଥୀ ଚୟନ ରଦ୍ଦ କରିବା, ପଞ୍ଚାୟତିରାଜ ବିଭାଗରେ ଚିଠି ନଂ-୨୩୭୫୩, ଅନୁଯାୟୀ ପ୍ରତ୍ୟେକ ଗାଁ ସାଥୀଙ୍କୁ ପର୍ଯ୍ୟାପ୍ତ ପରିମାଣରେ ଯେମିତି କାର୍ଯ୍ୟ ଯୋଗାଇ ଦିଆଯିବ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା।

# ଅସରାଏ ବର୍ଷାରେ ଧସୁଛି ଦେବୀ ନଦୀ ପଠା

## ଆଗକୁ ବର୍ଷା ଆସୁଥିବାରୁ ଭୟଭୀତ ଅଞ୍ଚଳବାସୀ

**ନିଆଳି, ୩୦।୬(ସମିସ)**

ବର୍ତ୍ତମାନ ବର୍ଷା ଋତୁ ଆସୁଥିବା ବେଳେ ଆଗକୁ ବଡ଼ ବର୍ଷା ସହ ବନ୍ୟାର ଭୟ ରହିଛି। ତେବେ ଅସରାଏ ବର୍ଷାରେ ନିଆଳି ବ୍ଲକ ଅନ୍ତର୍ଗତ ତିହୁଡ଼ି, ପାରିମାଳ ନିକଟରେ ଦେବୀନଦୀର ପଠା ଧସୁଥିବା ଦେଖିବାକୁ ମିଳୁଛି। ତୁରନ୍ତ ଏହାର ମରାମତି କରା ନ ଗଲେ ପଠା ଖାଇ ବନ୍ଧ ପ୍ରତି ବିପଦ ଦେଖାଦେବାର ସମ୍ଭାବନା ଦେଖାଦେଇଛି। ପାରିମାଳ ଠାରେ ଦେବୀନଦୀକୁ ବର୍ଷା ଜଳ ନିଷ୍କାସନ ପାଇଁ ଏକ ସାଇଫନ ନିର୍ମାଣ କରାଯାଇଥିବା ବେଳେ ଏହି ସାଇଫନ ଠାରୁ ନଦୀ ପଠାକୁ ପଥର ପ୍ୟାଙ୍କିଂ କରାଯାଇଥିଲେ



ମଧ୍ୟ ନିମ୍ନମାନର କାମ ଯୋଗୁଁ ଉକ୍ତ ପଥର ପ୍ୟାଙ୍କିଂ ଭୁଶୁଡ଼ି ପଡ଼ିଛି। ଗତ ବନ୍ୟା ସମୟରେ ନଦୀର ଉକ୍ତ ସ୍ଥାନରେ ଅଧିକ ପରିମାଣର ପଠା ଖାଇଯାଇଥିବା ବେଳେ ନିଆଳି ଜଳସେଚନ ବିଭାଗ ପକ୍ଷରୁ ଏହାର ମରାମତି କରାଯାଇ ନ ଥିଲା। ଫଳରେ ବର୍ତ୍ତମାନ ଅସରାଏ ବର୍ଷାରେ ପଠା ଧସୁଥିବାରୁ ସ୍ଥାନୀୟ ଜନସାଧାରଣ ଭୟଭୀତ ହୋଇଛନ୍ତି। ବିଭାଗ ପକ୍ଷରୁ ଏହାର ମରାମତି କରା ନ ଗଲେ ଆଗକୁ ବଡ଼ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ଏଠାରେ ବନ୍ଧ ଭାଙ୍ଗି ଘାଇ ସୃଷ୍ଟି ହେଲେ ଶହ ଶହ ଏକର ଧାନ ଜମିରେ ପାଣି ମାଡ଼ି ନଷ୍ଟ ହେବା ସହ ଧନ ଜୀବନ ପ୍ରତି ମଧ୍ୟ ବିପଦ ଦେଖାଦେବ ବୋଲି ଅଞ୍ଚଳବାସୀ କହିଛନ୍ତି। ତୁରନ୍ତ ଏହାର ମରାମତି ପାଇଁ ସ୍ଥାନୀୟ ଅଞ୍ଚଳର ମଳୟ ରଞ୍ଜନ ଲେଙ୍କା, କହ୍ନେଇ ଦାସ, ସୁଶାନ୍ତ ମଲ୍ଲିକ, କିଶନ ମଲ୍ଲିକ, ଦିଲ୍ଲୀପ ଲେଙ୍କା, ସଂସାର ଲେଙ୍କା ପ୍ରମୁଖ ଦାବି କରିଛନ୍ତି।

# ବ୍ୟାଙ୍କରୁ ଇନ୍‌ଭର୍ଟର ବ୍ୟାଟେରି ଚୋରି

**ସାଲେପୁର, ୩୦।୬(ସମିସ):** ଗତକାଲି ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ରାଇସୁଙ୍ଗୁଡ଼ା ଅଞ୍ଚଳରେ ଥିବା ଷ୍ଟେଟ୍ ବ୍ୟାଙ୍କ୍ ଗ୍ରୀଲ୍ ଭାଙ୍ଗି ଇନ୍‌ଭର୍ଟର ବ୍ୟାଟେରି ଚୋରି କରିନେଇଥିବାରୁ ଆଜି ଗ୍ରାହକ ସେବା ବାଧାପ୍ରାପ୍ତ ହୋଇଛି। ବିଦ୍ୟୁତ୍ ନ ଥିବା ସମୟରେ ବିଭିନ୍ନ କାର୍ଯ୍ୟ ପାଇଁ ବ୍ୟାଙ୍କ୍‌କୁ ଆସୁଥିବା ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଗତକାଲି ରାତିରେ କେହି ଦୁର୍ବୃତ୍ତ ରାଇସୁଙ୍ଗୁଡ଼ା ଅଞ୍ଚଳରେ ଥିବା ଷ୍ଟେଟ୍ ବ୍ୟାଙ୍କ୍ ଶାଖାର ଗ୍ରୀଲ୍ ଭାଙ୍ଗି ଇନ୍‌ଭର୍ଟର ବ୍ୟାଟେରି ଚୋରାଇ ନେଇଥିବା ଅଭିଯୋଗ ହୋଇଛି। ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ଜଣାଯାଇଛି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା



**ଚୌଦ୍ୱାର, ୩୦।୬(ସମିସ):** ଚୌଦ୍ୱାର ଅବସରପ୍ରାପ୍ତ ଶିକ୍ଷକ ସଂଘ ପକ୍ଷରୁ ଓଟିଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଅର୍ପଣ କରାଯାଇଥିଲା। ସଂଘ ସଭାପତି ଭାଗିରଥୀ ମିଶ୍ର, ସଂଯୋଜକ ଅକ୍ଷୟ ମିଶ୍ର, ବିଜୟ ନନ୍ଦ, ମନ୍ମଥ ସାହୁ, ନିକୁଞ୍ଜ ପଣ୍ଡା, ଶିବ ପ୍ରସାଦ ପତି ପ୍ରମୁଖ ବିଦ୍ୟାଳୟରେ ପହଞ୍ଚି ଶ୍ରୀମତୀ ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଶୁଭକାମନା କରିଥିଲେ।

# ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ଟାଙ୍ଗୀ, ୩୦।୬(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ଅନ୍ତର୍ଗତ ହଳଦୀବସନ୍ତ ଗ୍ରାମସ୍ଥିତ ସିଦ୍ଧେଶ୍ୱର ବିଦ୍ୟାପୀଠର ସହକାରୀ ଶିକ୍ଷକ ଭାଗ୍ୟଧର ବାଗ ଓ କିରାଣୀ ହାଡ଼ିବନ୍ଧୁ ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ରବିବାର ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ କେଶବ ଚନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି, ଉତ୍କଳ ସେବକ ସମାଜର ସମ୍ପାଦକ ଅମୀୟ ବିଶ୍ୱାଳ, ସରପଞ୍ଚ ଦିପ୍ତିମୟୀ ବେହେରା, ସମିତିସଭ୍ୟା ରୀତାଞ୍ଜଳି ସାମଲ, ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, ଶିକ୍ଷା କମିଟି ସଭାପତି ରମେଶ ଚନ୍ଦ୍ର ସାମଲ, ଶିକ୍ଷାବିତ ଅଜୟ ଦେ, ଅବସରପ୍ରାପ୍ତ କର୍ଣ୍ଣେଲ ଧନେଶ୍ୱର ସାମଲ ଓ ଅବସରପ୍ରାପ୍ତ ପୁଲିସ ଅଧିକାରୀ ଶରତଚନ୍ଦ୍ର ରାଉତ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ଉତ୍ସର୍ଗୀକୃତ ସେବା ପ୍ରଦାନ କରିଥିବା ଶ୍ରୀ ବାଗ ଓ ଶ୍ରୀ ନାୟକଙ୍କୁ ମୁଖ୍ୟଅତିଥି ଶ୍ରୀ ବେହେରା ସମ୍ବର୍ଦ୍ଧିତ କରିବା ସହ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଏହି ଅବସରରେ ଅବସର ଗ୍ରହଣ କରୁଥିବା ଦୁଇଜଣଙ୍କୁ ସୁସଜ୍ଜିତ ଗାଡ଼ିରେ ନିଆଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ବିଦ୍ୟାପୀଠର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷିକା, ପରିଚାଳନା କମିଟି ସଦସ୍ୟ ଓ ବହୁ ପୁରାତନ ଛାତ୍ର ଯୋଗଦାନ କରି ନିଜ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ।

# ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ସାଲେପୁର, ୩୦।୬(ସମିସ):** ସାଲେପୁର ବ୍ଲକ ଛାଣିପୁର ପଞ୍ଚାୟତ ବିଶ୍ୱଭାରତୀ ବିଦ୍ୟାପୀଠର ପ୍ରଧାନଶିକ୍ଷକ ହେମନ୍ତ କୁମାର ଭୂୟାଁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ବିଦ୍ୟାଳୟ ପରିସରରେ ପ୍ରଦାନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ମିଶ୍ର ଯୋଗଦେଇ ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ଶ୍ରୀ ଭୂୟାଁଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର କମଳାକାନ୍ତ ମହାନ୍ତି, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ସଂପାଦକ ଗଣେଶ୍ୱର ସ୍ୱାଇଁ, ପ୍ରାକ୍ତନ ପ୍ରଧାନଶିକ୍ଷକ ବିଜୟ ସ୍ୱାଇଁ, କଲ୍ୟାଣପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ମହାପାତ୍ର, ସମାଜସେବୀ ଲଳିତମୋହନ ମହାନ୍ତି, ଅବତନ ଷଡ଼ଙ୍ଗୀ, ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ମହାନ୍ତି, କରମୁଆଁ ଉପ୍ରା ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ହୃଷିକେଶ ଷଡ଼ଙ୍ଗୀ, ସମରବଲ୍ଲଭ ଲେଙ୍କା, ଛାଣିପୁର ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ବିନୋଦିନୀ ନାୟକ ଯୋଗଦେଇ ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ଶ୍ରୀ ଭୂୟାଁଙ୍କ କର୍ତ୍ତବ୍ୟନିଷ୍ଠା ଓ ସମୟାନୁବର୍ତ୍ତିତା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ପ୍ରଧାନଶିକ୍ଷକ ଶ୍ରୀ ଭୂୟାଁଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ସଂଜୟ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଶଶାଙ୍କ ଶେଖର ମହାନ୍ତି, ସୁଲଭ ଚରଣ ସେଠୀ, ଭାରତୀ ପ୍ରସାଦ ଜେନା, ଶୁକଦେବ ଜେନା, ରବୀନ୍ଦ୍ର ସେଠୀ, ଅରୁଣ ରଞ୍ଜନ ନାୟକ, ବିକାଶ ରଞ୍ଜନ ସ୍ୱାଇଁ, ଆଶିଷ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅବସରପ୍ରାପ୍ତ ଶିକ୍ଷକ ଶିବପ୍ରସାଦ ନାୟକ, ଜଗନ୍ନାଥ ସ୍ୱାଇଁ, ଦୁର୍ଯ୍ୟୋଧନ ବେହେରା, ବଟଗୋସ୍ୱାମୀ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ ବେହେରା, ଶିକ୍ଷକ ଉସମାନ ଖାଁ, ଗୌରହରି ସ୍ୱାଇଁ, ବିଦ୍ୟୁତ୍‌ପ୍ରଭା ନାୟକ, ବିନୋଦିନୀ ନାୟକ, ଛାଣିପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଜୟଦେବ ଷଡ଼ଙ୍ଗୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**କଟକ, ୩୦।୬(ସମିସ):** କଟକ ସଦର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନିକୁଞ୍ଜ କୁମାର ସ୍ୱାଇଁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମ କୁଳସରିଚୁଆଁ ନୋଡାଲ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜୟଶ୍ରୀ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ୍ ଘୋଷ, ମୁଖ୍ୟବକ୍ତା ଭାବେ କଟକ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ସନ୍ତୋଷ ରାଉତ, ସମ୍ମାନୀୟ ଅତିଥିଭାବେ କଟକ ସଦର ମଣ୍ଡଳ ଶିକ୍ଷା ଅଧିକାରୀ ସରସ୍ୱତୀ କାନୁନଗୋ, ସହ ମଣ୍ଡଳ ଶିକ୍ଷା ଅଧିକାରୀ ଅନନ୍ତ ଚରଣ ଦେଉରୀ, ରବୀନ୍ଦ୍ର ବେହେରା, ସର୍ବଶିକ୍ଷା ଅଭିଯାନର ଜିଲ୍ଲା ସଂଯୋଜକ ସରିତା ଶତପଥୀ, ମହେନ୍ଦ୍ର ସ୍ମୃତି ନୀଳକଣ୍ଠ ନାଥ ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୀନାରାଣୀ ବିଶ୍ୱାଳ, ପ୍ରାକ୍ତନ ପ୍ରଧାନଶିକ୍ଷକ ଗୌତମ ଚରଣ ପରିଡ଼ା, ବେଣ୍ଟକାର ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ କଳ୍ପତରୁ ପାଗଳ, ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ଅତିଥିମାନେ ସେବା ନିବୃତ୍ତ ହେଉଥିବା ନିକୁଞ୍ଜ କୁମାର ସ୍ୱାଇଁଙ୍କ ସୁନ୍ଦର ଆଚରଣ, ବିଚକ୍ଷଣ ଦକ୍ଷତା, ଅସାଧାରଣ ଜ୍ଞାନ ଓ ଅଲୌକିକ ପ୍ରତିଭା ବାବଦରେ ବର୍ଣ୍ଣନା କରି ଚାକିରୀ କ୍ଷେତ୍ରରେ ତାଙ୍କ ଉତ୍ତମ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଢ଼ାଖୋଲ ସହ ମଣ୍ଡଳ ଅଧିକାରୀ ନିରଞ୍ଜନ ପାତ୍ର, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ପ୍ରାକ୍ତନ ସାଧାରଣ ସମ୍ପାଦକ ସୁଲଭ ବେହେରା, ୪୨ମୌଜା ବିଭିନ୍ନ ଗ୍ରାମର ବରିଷ୍ଠ ବ୍ୟକ୍ତି, ୪୨ ମୌଜା ବିକାଶ ପରିଷଦ କର୍ମକର୍ତ୍ତା, ବାରଙ୍ଗ, ଟାଙ୍ଗୀ, ଡମପଡ଼ାର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, କଟକ ସହର ଓ ସଦର ଆଞ୍ଚଳିକ ସାଧନ କେନ୍ଦ୍ରର ୩୨ ଜଣ ସଂଯୋଜକ ଓ ସଦର ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ମହେନ୍ଦ୍ର ସ୍ମୃତି ନୀଳକଣ୍ଠ ନାଥ ଆଞ୍ଚଳିକ ସାଧନ କେନ୍ଦ୍ରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କ ଦ୍ୱାରା ଆୟୋଜିତ କରାଯାଇଥିଲା। ନୂତନ ସଂଯୋଜକ ଭାବେ ବିରଜା ମିଶ୍ର ପୂର୍ବତନ ସଂଯୋଜକ ନିକୁଞ୍ଜ କୁମାର ସ୍ୱାଇଁଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ।

# ମଣ୍ଡଳ ସହ ଶିକ୍ଷାଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସାଲେପୁର, ୩୦।୬(ସମିସ):** ସାଲେପୁର ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟର ସହ ଶିକ୍ଷାଧିକାରୀ ସରସ୍ୱତୀ ପ୍ରଧାନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଜଗବନ୍ଧୁ ଶତପଥୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସହ ଶିକ୍ଷାଧିକାରୀ ବିଳାସିନୀ ବାହିନୀପତି, ସମ୍ମାନିତ ଅତିଥି ଭାବେ ସହ ଶିକ୍ଷାଧିକାରୀ ଅଶୋକ କୁମାର ପତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବେଣୁଧର ଚାନ୍ଦ, ଅବସରପ୍ରାପ୍ତ ଶିକ୍ଷକ ଜୟକୃଷ୍ଣ ରଥ ଯୋଗଦେଇ ସରସ୍ୱତୀ ପ୍ରଧାନ ଜଣେ ଦକ୍ଷ ମିଷ୍ଟଭାଷୀ, ସରଳ ନିଷ୍କପଟ ପ୍ରଶାସକ ଭାବେ ନିଜକୁ ପ୍ରତିପାଦିତ କରିଥିଲେ ବୋଲି ବକ୍ତବ୍ୟ ରଖିଥିଲେ। ଉକ୍ତ ସଭାରେ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟର ବରିଷ୍ଠ କିରାଣୀ ଭାନୁପ୍ରସାଦ ମହାନ୍ତି, ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଜାକି ଅମିନ, ସଂପାଦକ ଜ୍ଞାନରଞ୍ଜନ ବିଶ୍ୱାଳ, ପ୍ରାଥମିକ ଫେଡେରସନ୍ ସଭାପତି ଶିବପ୍ରସାଦ ମିଶ୍ର, ସଂପାଦକ ହୃଷିକେଶ ମହାରଣା, ସିଆରସିସି ଅନ୍ତର୍ଯ୍ୟାମୀ ଭୋଳ, ରମାକାନ୍ତ ପରିଡ଼ା, ମୃତ୍ୟୁଞ୍ଜୟ ମିଶ୍ର, ସେଖ ଅଫଜଲ ହୁସେନ, କୋଷାଧ୍ୟକ୍ଷ ରୋମାଲିନ୍ ମହାପାତ୍ର, କଳିଙ୍ଗ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ, ସିଆରସିସି ଓ ଶିକ୍ଷକ ସଂଘ ପକ୍ଷରୁ ମାନପତ୍ର, ଉତ୍ତରୀୟ ଦେଇ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶେଷରେ ଜମାଲପୁର ସିଆରସିସି ନିବାରଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



**ନିଶ୍ଚିନ୍ତକୋଇଲି, ୩୦।୬(ସମିସ):** ଅସୁରେଶ୍ୱର ସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟର ଅଧ୍ୟକ୍ଷ ପଦାରବିନ୍ଦ ବିଶ୍ୱାଳ ଅବସର ଗ୍ରହଣ କରିବା ପରେ ନୂତନ ଅଧ୍ୟକ୍ଷ ଭାବେ ପ୍ରଧ୍ୟାପକ ବିରଞ୍ଚି ନାରାୟଣ ପଣ୍ଡା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ କଲେଜ ପକ୍ଷରୁ ଔପଚାରିକ ଭାବେ ଉଭୟ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କଲେଜ ପରିଚାଳନା କମିଟିର ସଭାପତି ଡ. ରମାନାଥ ସାହୁଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ଶିକ୍ଷକ କର୍ମଚାରୀ ସଂଘର ସମ୍ପାଦକ ଅଧ୍ୟାପକ ମନମୋହନ ଖଟୁଆ, ପ୍ରଧ୍ୟାପିକା ଡ. ସୁପ୍ରଭା ପରିଡ଼ାଙ୍କ ସମେତ କଲେଜର ବହୁ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଯୋଗଦେଇ ଉଭୟଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ପଣ୍ଡା କଲେଜର ସାମଗ୍ରିକ ବିକାଶ କ୍ଷେତ୍ରରେ କାର୍ଯ୍ୟ କରିବା ସହିତ ଶିକ୍ଷାଦାନ ପ୍ରତି ଅଧିକ ଗୁରୁତ୍ୱ ଦେବାକୁ କାର୍ଯ୍ୟ କରିବା ସହ ସମସ୍ତ କର୍ମଚାରୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନଙ୍କର ସହଯୋଗ କାମନା କରିଛନ୍ତି।

# ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ନିଶ୍ଚିନ୍ତକୋଇଲି, ୩୦।୬(ସମିସ):** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟର ସେବା ନିବୃତ୍ତ ବିଆରସିସି ତଥା ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷ୍ମୀନାରାୟଣ ରାଉତଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶିକ୍ଷା ଅଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କ ପୌରୋହିତ୍ୟରେ କାର୍ଯ୍ୟାଳୟ ପରିସରରେ



ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ସମସ୍ତ ସିଆରସିସି, ବହୁ ଶିକ୍ଷକ, ଶିକ୍ଷୟିତ୍ରୀ, କାର୍ଯ୍ୟାଳୟର କର୍ମଚାରୀମାନେ ଏଥିରେ ଯୋଗଦେଇ ଶ୍ରୀ ରାଉତଙ୍କ ନିସ୍ୱାର୍ଥପର କର୍ମନିଷ୍ଠ କାର୍ଯ୍ୟାବଳୀ ସଂକ୍ରାନ୍ତରେ ଆଲୋଚନା କରି ମାନପତ୍ର ସହ ବିଭିନ୍ନ ବିଦାୟୀ ଉପହାର ପ୍ରଦାନ କରିଥିଲେ। ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ପାର୍ବତୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ଶୋକ

**ସାଲେପୁର, ୩୦।୬(ସମିସ):** ପୂର୍ବତନ ସରପଞ୍ଚ ଅରବିନ୍ଦ ବିଶ୍ୱାଳଙ୍କ ୫୭ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ସେ ସାଲେପୁର ବ୍ଲକ ଅନ୍ତର୍ଗତ ତରିତୋ



ପଞ୍ଚାୟତର ସରପଞ୍ଚ ଭାବେ କାର୍ଯ୍ୟକରି ବହୁ ସୁନାମ ଅର୍ଜନ କରିଥିଲେ। ସେ ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କରିବା ସହ ଜିଲ୍ଲା ଆଥ୍‌ଲେଟିକ୍ କ୍ଲବ୍‌ର ସଂପାଦକ ଥିଲେ। ପଞ୍ଚାୟତର ଲୋକମାନଙ୍କର ସମସ୍ୟା ଗୁଡିକୁ ସରକାରଙ୍କ ଠାରେ ଉପସ୍ଥାପନ କରି ସେ ସମସ୍ୟାକୁ ତୁରନ୍ତ ସମାଧାନ ପାଇଁ ଉଦ୍ୟମ କରୁଥିଲେ। ସେ କିଛି ଦିନ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ବିୟୋଗରେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ପୂର୍ବତନ ବିଧାୟକ ପ୍ରକାଶ ବେହେରା, ସମ୍ରାଟ କେଶରୀ ଲେଙ୍କା, ଲୋଲୁପ ବିଶ୍ୱାଳ, ଆଜମଲ ଖାଁଙ୍କ ସମେତ ଗଭୀର ଶୋକ ପ୍ରକାଶ କରିଥିବାବେଳେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିବାବେଳେ ଏକମାତ୍ର ପୁତ୍ର ପୁତ୍ର ରାହୁଲ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ।

# ୧୪ ଓ ୧୫ରେ ଆଠଗଡ଼ରେ ଶିକ୍ଷାଜ୍ୟୋତି ସମ୍ମାନ ପର୍ବ

**ଆଠଗଡ଼, ୩୦।୬(ସମିସ)**

ଆଠଗଡ଼ ତିଗିରିଆ ନିର୍ବାଚନ ମଣ୍ଡଳିରେ ଥିବା ସମସ୍ତ ବିଦ୍ୟାଳୟ ଗୁଡିକ ଶିକ୍ଷାରେ ଯେଭଳି ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିବାକୁ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଆହ୍ୱାନ ଦେଇଛନ୍ତି ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ଫୋରମ ଅଫ ଏକାଡେମିକ୍ସ ପକ୍ଷରୁ ସ୍ଥାନୀୟ ବାସନ୍ତୀ ମଣ୍ଡପଠାରେ ଶିକ୍ଷାଜ୍ୟୋତି ସମ୍ମାନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶିକ୍ଷାବିତ ପ୍ରଫେସର ଡା. ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀ ସ୍ୱାଇଁ ଯୋଗଦେଇ ଗତବର୍ଷ ଅପେକ୍ଷା ଚଳିତବର୍ଷ ହାଇସ୍କୁଲ ପରୀକ୍ଷାର ଫଳ ଆଶାଜନକ ନ ଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ ଚଳିତ ବର୍ଷ ଯେଭଳି ରେକର୍ଡ ସଂଖ୍ୟକ ଫଳାଫଳ ହେବ ସେଥି ପ୍ରତି ଧ୍ୟାନ ଦେବାକୁ ସମସ୍ତ ଉପସ୍ଥିତ ପ୍ରଧାନଶିକ୍ଷକଙ୍କୁ ଅନୁରୋଧ କରିଥିଲେ। ଏହା ସହିତ ଆସନ୍ତା ଜୁଲାଇ ମାସ ୧୪ ଏବଂ ୧୫ ତାରିଖରେ ଚଳିତ ବର୍ଷର ଶିକ୍ଷାଜ୍ୟୋତି ସମ୍ମାନର ପର୍ବ ପାଳନ କରାଯିବାକୁ ଘୋଷଣା କରିଥିଲେ। ଏକାଡେମିକ୍ସର ସଂଯୋଜକ ଲଳିତ ମୋହନ ନାୟକ ଚଳିତବର୍ଷ ମଧ୍ୟ ନିର୍ବାଚନମଣ୍ଡଳୀର




ସରକାରୀ ହାଇସ୍କୁଲ ପରୀକ୍ଷାରେ ଏ-୧ରେ କୃତକାର୍ଯ୍ୟ ହୋଇଥିବା ୧୨ ଜଣ ଛାତ୍ରଛାତ୍ରୀ ଏବଂ ବେସରକାରୀସ୍ତରରେ ୧୦ ଛାତ୍ରଛାତ୍ରୀ ତଥା +୨ରେ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ପାଠ୍ୟକ୍ରମରେ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ସହ +୩ରେ କଳା, ବିଜ୍ଞାନ, ବାଣିଜ୍ୟରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଲ୍ୟାପଟପ ପ୍ରଦାନ କରାଯାଇ ସମ୍ମାନିତ କରାଯିବା ସହିତ ଆଗକୁ ପଢ଼ିବା ପାଇଁ ପ୍ରୋତ୍ସାହିତ କରାଯିବ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରତି ବିଦ୍ୟାଳୟସ୍ତରରେ ଓଡିଆ ଓ ଇଂରାଜୀ ବକ୍ତୃତା, ସାଧାରଣ ଜ୍ଞାନ, କଳାନୈପୁଣ୍ୟ, ସାଂସ୍କୃତିକ (ଦଳଗତ ନାଚ)ର ପ୍ରତିଯୋଗିତା ମାନ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆଠଗଡ଼ ବ୍ଲକ ଶିକ୍ଷାଧିକାରୀ ବିଜୟଲକ୍ଷ୍ମୀ ସାମଲ ଏବଂ ତିଗିରିଆ ବ୍ଲକ ଶିକ୍ଷାଧିକାରୀ ପ୍ରିୟରଞ୍ଜନ ହୋତା ଯୋଗ ଦେଇଥିଲେ।

# କୁକୁଡ଼ା ଫାର୍ମ ବିରୋଧରେ ତେଜୁଛି ଅସନ୍ତୋଷ

**ମାହାଙ୍ଗା, ୩୦।୬(ସମିସ):** ଉଷୁମା ପଞ୍ଚାୟତସ୍ଥିତ ଉଷୁମା ଗ୍ରାମରେ ଏକ କୁକୁଡ଼ା ଫାର୍ମକୁ ବନ୍ଦ କରିବାକୁ ମାହାଙ୍ଗା ଥାନା ଓ ପ୍ରଦୂଷଣ ବୋର୍ଡ ନିକଟରେ ଅଭିଯୋଗ ହୋଇଛି। ଉକ୍ତ ଗ୍ରାମର ସନ୍ତୋଷ ସାହୁ ଦୀର୍ଘ ୧୨ ବର୍ଷ ହେବ ଦୁଇଟି କୁକୁଡ଼ା ଫାର୍ମ ତାଙ୍କ ଘର ନିକଟରେ କରିଛନ୍ତି। ଏହି କୁକୁଡ଼ା ଫାର୍ମ ନିକଟରେ ଅନନ୍ତ ଶମ୍ଭୁ ଆଶ୍ରମ ରହିଥିବାରୁ ଏହି ମନ୍ଦିରକୁ ପ୍ରତିଦିନ ଲୋକାମାନେ ଯା'ଆସ କରିଥାନ୍ତି। ଏହି କୁକୁଡା ଫାର୍ମର ଦୁର୍ଗନ୍ଧ ହେବା ସହ ପରିବେଶ ଦୂଷିତ ହେଉଛି ବୋଲି ଗ୍ରାମର ସୁବାସ ସାହୁ ଓ ଅନ୍ୟମାନେ ମାହାଙ୍ଗା ଥାନା, ପ୍ରଦୂଷଣ ବୋର୍ଡ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ବିଭାଗ ପକ୍ଷରୁ କୁକୁଡା ଫାର୍ମ ବନ୍ଦ କରିବାକୁ ନିର୍ଦ୍ଦେଶ ହୋଇଥିବା ଅଭିଯୋଗକାରୀମାନେ କହୁଥିଲା ବେଳେ ଉକ୍ତ ଫାର୍ମ ମାଲିକ କର୍ଣ୍ଣପାତ କରୁନାହାନ୍ତି। ଯାହାକୁ ନେଇ ଏହି ଗ୍ରାମର



ଅର୍ଜୁନ ସାହୁ ମାହାଙ୍ଗା ଥାନାରେ ପୁଣି ଅଭିଯୋଗ କରିଛନ୍ତି। ଫଳରେ ମାହାଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି। ଯଦି ଏହି କୁକୁଡା ଫାର୍ମ ତୁରନ୍ତ ବନ୍ଦ କରା ନ ଯାଏ ଆସନ୍ତା ଦିନରେ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଅପରପକ୍ଷେ କୁକୁଡା ଫାର୍ମ କରିଥିବା ସନ୍ତୋଷ ସାହୁଙ୍କୁ ଯୋଗାଯୋଗ କରିବାରୁ 'ମୁଁ ଦୀର୍ଘ ୧୨ ବର୍ଷ ଧରି ସରକାରଙ୍କ ନିୟମ ଅନୁଯାୟୀ କୁକୁଡ଼ା ଫାର୍ମ କରି ମୋ ପରିବାର ପ୍ରତିପୋଷଣ କରୁଛି' ବୋଲି କହିଥିଲେ।

